

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୯ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 09 September 2024

Vol.No. 35 ■ No.242 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସମ୍ବଲପୁରରେ ସି.ଏମ କିଷାନ ସହାୟତା ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର,୮ ସେପ୍ଟେମ୍ବର - ଆଜି ପବିତ୍ର ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସମ୍ବଲପୁରଠାରେ ସି.ଏମ କିଷାନ ସହାୟତା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ ପିଏମ କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନ, ସିଏମ କିଷାନ ପୋର୍ଟାଲ ଓ କୃଷକ ଓଡିଶା ୟୁନିଫାଏଡ୍ ପୋର୍ଟାଲର ଉନ୍ମୋଚନ କରିଛନ୍ତି। ସମ୍ବଲପୁରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଚାଷୀ କୂଳର ସମୃଦ୍ଧି ଓ ଓଡିଶାବାସୀଙ୍କ କଲ୍ୟାଣ ପାଇଁ ମା ସମଲେଇଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ପଞ୍ଚାୟତି ରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ମିଶି ମନ୍ଦିର ପରିସରରେ ନବାନ୍ନ ଖାଇଥିଲେ। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କ୍ଷେତ୍ରରେ ସଶକ୍ତ କରିବାର ମୂଳ ଲକ୍ଷ୍ୟ ରଖି ରାଜ୍ୟ ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି। ସିଏମ କିଷାନ ଯୋଜନାରେ ହସ୍ତାନ୍ତର ହେଉଥିବା ଏହି ସହାୟତା ରାଶି ଚାଷୀ ମାନଙ୍କୁ ଅତ୍ୟାବଶ୍ୟକୀୟ କୃଷି ସମାଗ୍ରୀ ଯଥା – ବିହନ, ସାର, କୀଟନାଶକ ଇତ୍ୟାଦି ଆବଶ୍ୟକତା ଅନୁଯାୟୀ କିଣିବାରେ ନିଶ୍ଚିତ ରୂପେ ସହାୟତା କରିବ। ରବି ଋତୁରେ ୯୨୫ କୋଟିରୁ ଅଧିକ ଟଙ୍କା ବିନିଯୋଗ ମାଧ୍ୟମରେ ରାଜ୍ୟର ୪୫,୫୭,୭୩୩ ଜଣ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଏବଂ ୩୯,୩୦୩ ଭୂମିହୀନ କୃଷି ପରିବାର ଏହା ମାଧ୍ୟମରେ ଉପକୃତ ହେବେ। ସିଏମ କିଷାନର ଏହି ସହାୟତା ରାଶି ଉଭୟ ଖରିଫ ଓ ରବି ଋତୁ ପାଇଁ ଦୁଇଟି କିସ୍ତିରେ ସମୁଦାୟ ଚାରି ହଜାର ଟଙ୍କା ପ୍ରଦାନ କରାଯିବ। ସିଏମ କିଷାନ ଯୋଜନାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପିଲାମାନଙ୍କ ବୈଷୟିକ ଉଚ୍ଚ ଶିକ୍ଷା ନିମନ୍ତେ କୃଷି ବିଦ୍ୟା ନିଧି ଯୋଜନାରେ ଦୁଇ ଲକ୍ଷ ଟଙ୍କା ଛାତ୍ର ବୃତ୍ତିର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କୃଷକ କଲ୍ୟାଣକାରୀ ଯୋଜନା ପିଏମ କିଷାନ ଯୋଜନାରେ ଭୂମିଧାରି ଚାଷୀଙ୍କ ପାଇଁ ତିନୋଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିରେ ସିଏମ କିଷାନ ଯୋଡି ହୋଇଗଲେ ଚାଷୀ ବର୍ଷକୁ ୧୦ ହଜାର ଟଙ୍କା ପାଇବେ।

▶▶ପୃଷ୍ଠା ୭

# ୧୯ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି



ନୁଆଦିଲ୍ଲୀ, ୮ ସେପ୍ଟେମ୍ବର (ହି.ସ)- ଦେଶରେ ୧୯ଟି ରାଜ୍ୟରେ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି ହୋଇଛି । ତେଲେଙ୍ଗାନାରେ ପ୍ରବଳ ବର୍ଷା ହେବା ଫଳରେ ୨୯ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅଗଷ୍ଟ ୩୧ ପରଠାରୁ ଲଗାତାର ବର୍ଷା ଯୋଗୁଁ ୨୯ ଜଣଙ୍କର ମୃତ୍ୟୁ ହୋଇଛି।ଏଥି ସହ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଯୋଗୁଁ ୫,୪୩୮ କୋଟି ଟଙ୍କାର କ୍ଷତି ହୋଇଛି। ରାଜସ୍ଥାନରେ ୧ ଜୁନରୁ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ୬୨୬.୭ ମିମି ବର୍ଷା ରେକର୍ଡ କରାଯାଇଛି। ଯାହା ସାଧାରଣ ବର୍ଷା (୩୯୮.୫ମିମି)ଠାରୁ ୫୭ ପ୍ରତିଶତ ଅଧିକ। ଶନିବାର ପ୍ରବଳ ବର୍ଷା ହେତୁ ଅଜମେର ଏବଂ ଜୟପୁରର ଅନେକ ରାସ୍ତା ଜଳମଗ୍ନ ହୋଇଯାଇଥିଲା।ଜୟପୁରରେ ଲୋକମାନଙ୍କୁ ୩୦ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ୬ ଘଂଟାରୁ ଅଧିକ ସମୟ ଲାଗିଥିଲା।ଅଜମେରରେ ପୁଷ୍କର ହ୍ରଦର ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି। ପାଣିପାଗ ବିଭାଗ ରବିବାର ୮ ସେପ୍ଟେମ୍ବରରେ ମଧ୍ୟପ୍ରଦେଶ ସମେତ ୧୮ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସୁଚନା ଜାରି କରିଛି। ପଶ୍ଚିମବଙ୍ଗ ପାଣିପାଗ ବିଭାଗ ୮ରୁ ୧୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ପ୍ରବେଶ ନ କରିବାକୁ ଚେତାବନୀ ଦେଇଛି। ପଶ୍ଚିମବଙ୍ଗରେ ୪୦ ରୁ ୫୦ କିଲୋମିଟର ବେଗରେ ପବନ ହୋଇପାରେ।୯ରୁ ୧୦ ସେପ୍ଟେମ୍ବର ପଶ୍ଚିମବଙ୍ଗ ମିଦନାପୁର,ଉତ୍ତର ଦକ୍ଷିଣ ୨୪ ପରଗନା ଏବଂ ଝାରଗ୍ରାମ ଅଂଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ୯ ସେପ୍ଟେମ୍ବରରେ ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଗୋଆ, ଗୁଜୁରାଟ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣୀପୁର, ମିଜୋରାମ, ତ୍ରିପୁରା, ଓଡିଶା, ପଶ୍ଚିମବଙ୍ଗ, କେରଳ, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶରେ ପ୍ରବଳ ବର୍ଷା ହେବା ନେଇ ସୁଚନା ଜାରି କରିଛି।

# କୋଠା ଭୁଶୁଡ଼ି ୮ଜଣଙ୍କର ମୃତ୍ୟୁ: ମୃତକଙ୍କ ପରିବାରକୁ ୨ ଲକ୍ଷ, ଆହତଙ୍କୁ ୫୦ ହଜାର



ନୂଆଦିଲ୍ଲୀ, ୮ ସେପ୍ଟେମ୍ବର (ହି.ସ.)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲକ୍ଷ୍ନୌର ଟ୍ରାନ୍ସପୋର୍ଟ ନଗରରେ ଏକ ତିନି ମହଲା କୋଠା ଭୁଶୁଡ଼ିବା ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପାଇଁ ଶୋକ ବ୍ୟକ୍ତ କରିଛନ୍ତି । ଆହତ ମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ପ୍ରଧାନମନ୍ତ୍ରୀ ମୃତାହତଙ୍କ ପରିଜନ ନିମନ୍ତେ ସହାୟତା ରାଶି ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଆଜି ତାଙ୍କ ଅଫିସିଆଲ ଏକ୍ସ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଉତର ପ୍ରଦେଶର ଲକ୍ଷ୍ନୌରେ କୋଠା ଭୁଶୁଡ଼ି ଲୋକଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ଦୁଃଖଦ ଘଟଣା । ଏଥି ସହିତ ସେ ମୃତକଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଜାତୀୟ ସହାୟତା ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏଁ ଆର୍ଥିକ ସହାୟତା ଏବଂ ପ୍ରତ୍ୟେକ ଆହତଙ୍କ ନିମନ୍ତେ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି । ଗତକାଲି ସନ୍ଧ୍ୟାରେ ଲକ୍ଷ୍ନୌର ଟ୍ରାନ୍ସପୋର୍ଟ ନଗର ଅଞ୍ଚଳରେ ତିନି ମହଲା କୋଠା ଗୋଡାଉନ୍ ଏବଂ ଏକ ମୋଟର ୱାର୍କସପ୍ ଭୁଶୁଡି ଯିବା ଫଳରେ ୨୮ଜଣ ଗୁରୁତର ହୋଇଥିଲେ। ଏହି ସମୟରେ ୩ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନେ ହେଲେ ରାଜ କିଶୋର, ରୁଦ୍ର ଯାଦବ ଓ ଜଗରୁପ ସିଂ। ମୃତକଙ୍କ ପରିଚୟ ସ୍ପଷ୍ଟ କରିଛନ୍ତି ରିଲିଫ କମିଶନର ଜି.ଏସ୍ ନବୀନ।

# ଭୂସ୍ଖଳନ ଯୋଗୁ ଗଙ୍ଗୋତ୍ରୀ ହାଇୱେ ଜାମ୍, ସମସ୍ୟାରେ ତୀର୍ଥଯାତ୍ରୀ

ଉତରକାଶୀ, ୮/୦୯ : ଗଙ୍ଗୋତ୍ରୀ ହାଇୱେର ବନ୍ଦରକୋଟ ଓ ରତୁଡି ଶେରାରେ ଭୂସ୍ଖଳନ ହୋଇଛି । ଫଳରେ ରାସ୍ତାରେ ଗାଡି ମୋଟରର ଲମ୍ବା ଲାଇନ ଲାଗିଛି । ଏହାଯୋଗୁ ତୀର୍ଥଯାତ୍ରୀମାନେ ନାହିଁନଥିବା ସମସ୍ୟାରେ ଡିଛନ୍ତି । ଗଙ୍ଗୋତ୍ରୀ ଜାତୀୟ ରାଜଥ ବନ୍ଦରକୋଟରେ ତିନି ଦିନ ପୂର୍ବରୁ ପାହାଡ ଫାଟିବାର ଭିଡିଓ ସାମ୍ନାକୁ ଆସିଥିଲା । ରବିବାର ପାହାଡରୁ ଲଗାତର ପଥର ଓ ଅବଶେଷ ଖସିବାରେ ଲାଗିଛି । ଫଳରେ ଗଙ୍ଗୋତ୍ରୀ ହାଇୱେ ଘଂଟା ଘଂଟା ଧରି ବନ୍ଦ ରହିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ମୋଟରର ଲମ୍ବା ଲାଇନ ଲାଗିଛି ।

# ଢେଙ୍କାନାଳରେ ଲଜ୍ଜା; ଅସହାୟ ଯୁବତୀଙ୍କୁ ପ୍ରତିଦିନ ରାତିରେ କରୁଥିଲେ ଗଣଦୁଷ୍କର୍ମ



ଢେଙ୍କାନାଳ : ୮/୦୯ : (ନି.ପ୍ର) ଢେଙ୍କାନାଳ ଜିଲ୍ଲାରେ ଲଜ୍ଜା । ଅସହାୟ ଯୁବତୀଙ୍କୁ ନିୟମିତ ଗଣଦୁଷ୍କର୍ମ ଅଭିଯୋଗ । ଢେଙ୍କାନାଳ ଜିଲ୍ଲା ଭାପୁର ଫାଣ୍ଡି ଅଞ୍ଚଳର ଘଟଣା । ଅସହାୟ ଯୁବତୀଙ୍କୁ ମାସାଧିକ କାଳ ଗଣଦୁଷ୍କର୍ମ ଅଭିଯୋଗ। ପୀଡ଼ିତା ୭ ମାସର ଗର୍ଭବତୀ ଥିବା ସୂଚନା ମିଳିଛି । ଢେଙ୍କାନାଳ ଜିଲ୍ଲା ଭାପୁର ଫାଣ୍ଡି ଅଞ୍ଚଳର ମହୁଲପୁଞ୍ଜି ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ଅଭିଯୋଗ ହୋଇଛି, ପ୍ରତିଦିନ ରାତିରେ ଗାଁର ୬-୭ ଜଣ ଯୁବକ ପୀଡିତାଙ୍କୁ ଗଣଦୁଷ୍କର୍ମ କରି ଆସୁଥିଲେ। ସେ ଗର୍ଭବତୀ ହେବା ଜାଣିବା ପରେ ବି ଛାଡୁ ନଥିଲେ ଦୁର୍ବୃତ୍ତ। ଖବର ପାଇ ପୀଡ଼ିତାଙ୍କୁ ଉଦ୍ଧାର କରି ପ୍ରଶାସନ ସଖୀ କେନ୍ଦ୍ରରେ ରଖିଛି। ତାଙ୍କ ମାଆଙ୍କର ଦେହାନ୍ତ ହୋଇଥିବା ବେଳେ ବାପା ମାନସିକ ବିକାରଗ୍ରସ୍ତ। ପୀଡିତାଙ୍କ ବାପା ଘରଜ୍ୱାଇଁ ହୋଇ ଶ୍ୱଶୁର ଘରେ ରହୁଥିଲେ । ମା'ଙ୍କ ପରଲୋକ ପରେ ବିଗିନ୍ନ କାରଣକୁ ନେଇ ସମ୍ପର୍କୀୟ ତାଙ୍କ ଠାରୁ ଜମିବାଡି ଛଡାଇନେଲେ । କିଛିବର୍ଷ ହେବ ସେମାନେ ଅଙ୍ଗନବାଡି କେନ୍ଦ୍ରରେ ରହୁଥିଲେ । ଏହାର ଫାଇଦା ନେଇ ଅସାମାଜିକ ଯୁବକ ତାଙ୍କ ସହ ନିୟମିତ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଢେଙ୍କାନାଳ ସଦର ଥାନା ପୋଲିସ ୩ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏସପିଙ୍କ ତତ୍ତ୍ୱାବଧାନରେ ଜଣେ ଡିଏସପି ଘଟଣାର ତଦନ୍ତ କରୁଛନ୍ତି।

# ଦୁର୍ଗାପୂଜା ଭସାଣିରେ ଲେଜର ଲାଇଟ ମନା

ଭୁବନେଶ୍ୱର/କଟକ , ୮ ସେପ୍ଟେମ୍ବର - ଦୁର୍ଗା ପୂଜା ଭସାଣିରେ ଲେଜର ଲାଇଟ୍ ଓ ଫାୟାର ଗନ୍ ମନା । ପ୍ରଶାସନ ସହ ଶାନ୍ତି କମିଟି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ମଦମୁକ୍ତ ଭସାଣି ଏବଂ ଡିଜେମୁକ୍ତ ରୋଷଣିକୁ ଗୁରୁତ୍ୱ ଦିଆଯାଇଥିଲା । ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା । ଏବେ ବୈଠକରେ ଲେଜର ଲାଇଟ୍ ଓ ଫାୟାର ଗନ୍ ଆଦୌ ବ୍ୟବହାର ହେବନି ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଜିଲାପାଳ, ମେୟର, ବିଧାୟକ ଓ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

# ଉନ୍ମୋଚିତ ହେଲା ପଣ୍ଡିତ ନିରଞ୍ଜନ ପଣ୍ଡାଶର୍ମାଙ୍କ କାବ୍ୟଗ୍ରନ୍ଥ 'ସୀମନ୍ତିନୀ'




ବାଲେଶ୍ୱର: ପବିତ୍ର ନୂଆଖାଇ ଭଳି ଗଣପର୍ବ ତିଥିରେ ରୂପ୍ସାର ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ, ପ୍ରଜ୍ଞାବନ୍ତ ପଣ୍ଡିତ ନିରଞ୍ଜନ ପଣ୍ଡାଶର୍ମାଙ୍କ ଲିଖିତ ବିବିଧ ରାଗ-ରାଗିଣୀରେ ଛନ୍ଦଯୁକ୍ତ କାବ୍ୟଗ୍ରନ୍ଥ 'ସୀମନ୍ତିନୀ'ର ଶୁଭଲୋକାର୍ପଣ ପୂର୍ଣ୍ଣ ବିଶ୍ୱେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ଅଧ୍ୟାତ୍ମିକ ପରିବେଶରେ ପୂର୍ବାହ୍ନ ୧୧ ଘଟିକାରେ ଅନୁଷ୍ଠିତ ହୋଇଯାଇଛି । ଆଜିର ଦିନରେ ଗୀତିଧର୍ମୀ ଛନ୍ଦଯୁକ୍ତ କାବ୍ୟ-କବିତା ରଚନା ଖୁବ୍ ସ୍ୱଳ୍ପ ହେଉଥିବାବେଳେ ପଣ୍ଡିତ ଶର୍ମାଙ୍କର ଏହି କାବ୍ୟଗ୍ରନ୍ଥ କାବ୍ୟମୋଦୀ ରସଗ୍ରାହୀ ପାଠକଙ୍କୁ ଅନେକ ଆନନ୍ଦ ଦେବ ବୋଲି ଉତ୍ସବରେ ଅତିଥି ଓ ବକ୍ତାମାନେ ମତପୋଷଣ କରିଥିଲେ । ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ପକ୍ଷରୁ ପ୍ରକାଶିତ ଏହି କାବ୍ୟ ଗ୍ରନ୍ଥର ଉନ୍ମୋଚନରେ ସଭାପତିତ୍ୱ କରିଥିଲେ କବି ପ୍ରଭାତ ଆଚାର୍ଯ୍ୟ । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ବିଶିଷ୍ଟ ଅତିଥି ଭାବେ ସୁବର୍ଣ୍ଣଶ୍ରୀ ପ୍ରକାଶନୀର ମୁଖ୍ୟ ଡ. କାଳୀପଦ ପଣ୍ଡା ଓ ମୁଖ୍ୟବକ୍ତା ଭାବେ ରୂପସା ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ ବେହେରା ଯୋଗ ଦେଇଥିଲେ । ସେହିଭଳି ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ ପାଣିଗ୍ରାହୀ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧବାନନ୍ଦ ଦେ ଯୋଗ ଦେଇଥିଲେ । ବକ୍ତାମାନେ ନିଜର ବକ୍ତବ୍ୟରେ ନିରଞ୍ଜନ ବାବୁଙ୍କର ଛନ୍ଦଯୁକ୍ତ କାବ୍ୟଗ୍ରନ୍ଥ ଯୁଗ ଯୁଗ ପାଇଁ ପାଠକଙ୍କ ନିକଟରେ ଗ୍ରହଣୀୟ ହୋଇ ରହିବ ଓ ଏହା କାବ୍ୟଜଗତ ଓ ସାହିତ୍ୟ ଭଣ୍ଡାର ପାଇଁ ଏକ ଅମୂଲ୍ୟ ସମ୍ପଦ ଭାବେ ଗ୍ରହଣୀୟ ହେବା ସହିତ ଅନେକ ପାଠକଙ୍କର ଚଲାପଥକୁ ଆଲୋକିତ କରିବ।

▶▶ପୃଷ୍ଠା ୭

# ସୁଭଦ୍ରା ଯୋଜନା ଆଇଡି ହାଇଜାକ୍‌କୁ ନେଇ ଦ୍ୱନ୍ଦ୍ୱରେ ମହିଳା ହିତାଧିକାରୀ

ଭଦ୍ରକ, ୮/୦୯ : (ନି.ପ୍ର) - ସୁଭଦ୍ରା ଯୋଜନାକୁ ନେଇ ନୂଆ ଭେଳିକି ମୋ ସେବାକେନ୍ଦ୍ରରେ ମହିଳା ହିତାଧିକାରୀ ନିଜ ଆଧାରା ଓ ବ୍ୟାଙ୍କ ଆକାଉଂଟରେ ଫର୍ମ ଦାଖଲ କଲେ ଅନ୍ୟ ରାଜ୍ୟ ଅର୍ଥାତ ତ୍ରିପୁରା, ଆନ୍ଧ୍ର, ରାଜସ୍ଥାନ, ଗୁଜୁରାଟ, ସିକିମ ଆଦି ଗ୍ରାମ୍ୟ ଓ ନେସନାଲ ବ୍ୟାଙ୍କର ଆଇଡି ଦର୍ଶାଉଛି। ଏପରି ଘଟଣାକୁ ନେଇ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହି ବାବଦରେ ମୋ ସେବାକେନ୍ଦ୍ର କର୍ମଚାରୀଙ୍କୁ ପଚାରିଲେ ସେ ମଧ୍ୟ ସମାନ କଥା କହିଛନ୍ତି। ଏପରିକି କେହି ଦୃବୃର୍ତ୍ତ ସୁଭଦ୍ରା ଆଇଡିକୁ ହ୍ୟାକ କରି ନିଜ ଆଇଡିରେ ଏହାକୁ ହଡପ କରିବା ପାଇଁ ମସୁଧା ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏଥିପ୍ରତି ତୁରନ୍ତ ସରକାର ପଦକ୍ଷପ ନେବା ସହିତ ଫେକ୍ ଆଇଡିକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି ମୋ ସେବାକେନ୍ଦ୍ରର କର୍ମଚାରୀମାନେ ଓ ହିତାଧିକାରୀ ମହିଳାମାନେ। ସୁଭଦ୍ରା ଫର୍ମ ଦାଖଲ ପାଇଁ ଦୀର୍ଘ ତିନିଦିନ ହେବ ଆରଡି ସମେତ ଓଳଗ, ସୁନ୍ଦରପୁର, ନାନ୍ଦପୁର ପଂଚାୟତର ଶତାଧିକ ମହିଳା ବିଭିନ୍ନ ମୋ ସେବାକେନ୍ଦ୍ର ଓ ଆଧାରକେନ୍ଦ୍ରରେ ରାତିଦିନ ଲାଇନ ଲଗାଇ ଅପେକ୍ଷା କରୁଥିଲେ ମଧ୍ୟ ଦୀର୍ଘ ସମୟ ଧରି ସାଇଡ୍ ଖୋଲୁନଥିବା ବେଳେ ଏବେ ଅନ୍ୟ ରାଜ୍ୟର ବ୍ୟାଙ୍କ ଆକାଂଉଟ ଆଇଡି ସୋ କରୁଛି, ଯାହାକୁ ନେଇ ଦ୍ୱନ୍ଦରେ ପଡିଛନ୍ତି ମହିଳା ହିତାଧିକାରୀ।

> ମୋ ସେବାକେନ୍ଦ୍ରରେ ମହିଳା ହିତାଧିକାରୀ ନିଜ ଆକାଉଂଟରେ ଫର୍ମ ଦାଖଲ କଲେ ଅନ୍ୟ ରାଜ୍ୟର ବ୍ୟାଙ୍କ ଆଇଡି ଦର୍ଶାଉଛି

# ଅନନ୍ୟ ସଙ୍ଗୀତ ସାଧିକା ଅନିନ୍ଦିତା ଦାସଙ୍କ



ଅନିନ୍ଦିତା ଦାସ ସଙ୍ଗୀତ ଜଗତର ଜଣେ ଜଣାଶୁଣା ନାମ। ଓଡ଼ିଶାର ନାଇଟଏଙ୍ଗଲ ଭାବରେ ଖ୍ୟାତି ଅର୍ଜନ କରିଥିବା, କୋକିଳକଣ୍ଠି ଅନିନ୍ଦିତା ରାଜ୍ୟର ଘରେ ଘରେ ତାଙ୍କର ସୁମଧୁର ଓ ସୁଲଳିତ ସଙ୍ଗୀତ ଗାୟନ ପାଇଁ ପରିଚିତ। ଶିଶୁ ସମୟରୁ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିବା ଅନିନ୍ଦିତା, ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ଯୁବାବସ୍ଥାରେ ହିଁ ସର୍ବସାଧାରଣରେ ନିଜର ପ୍ରଖର ପ୍ରତିଭା ଓ ପ୍ରଚୁର ପାରଦର୍ଶୀତାର ପରିଚୟ ପ୍ରଦାନ କରିପାରିଥିଲେ । ମାତ୍ର ନଅ ବର୍ଷ ବୟସରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କର ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ମଥୁରା ବିଜୟ' ଚଳଚ୍ଚିତ୍ରରେ ସେ କଣ୍ଠଦାନ କରିବାର ସୁଯୋଗ ଲାଭ କରିଥିଲେ। ଦୀର୍ଘ ଦିନର ସାଧନା ଓ ସିଦ୍ଧି ବଳରେ ବର୍ତ୍ତମାନ ଶ୍ରୀମତୀ ଦାସ ଓଡ଼ିଶାର ସଙ୍ଗୀତ ଦୁନିଆର ଜଣେ ଅଗ୍ରଗଣ୍ୟ କଳାକାର ଭାବରେ ନିଜର ପ୍ରତିଷ୍ଠା ଓ ପ୍ରସିଦ୍ଧି ହାସଲ କରିପାରିଛନ୍ତି। ଗତ ଚାରି ଦଶନ୍ଧି ଧରି ଅନିନ୍ଦିତା ଓଡ଼ିଶାର ସଙ୍ଗୀତ ଦିଗବଳୟରେ ଜଣେ ଜାଜ୍ୱଲ୍ୟମାନ ତାରକା ଭାବରେ ଝଲସି ଆସୁଛନ୍ତି। କେବଳ ଓଡ଼ିଶାର କୋଣାନୁକୋଣରେ ନୁହଁ, ଓଡ଼ିଶା ବାହାରେ ସୁଦୂର ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ ଓ କୋଲକାତା ଆଦି ମହାନଗରୀ ଏବଂ ବିଦେଶର ବହୁ ରାଷ୍ଟ୍ରରେ ନିଜର ଅପୂର୍ବ କଳା ଚାତୁର୍ଯ୍ୟ ଓ ମାଧୁର୍ଯ୍ୟ ପ୍ରଦର୍ଶନ କରି ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଅନିନ୍ଦିତା କେବଳ ମାତ୍ର ଜଣେ ଗାୟିକା ନୁହଁନ୍ତି, ଏକାଧାରରେ ସେ ଜଣେ ଆଦର୍ଶ ନାରୀ, ସକ୍ଷମ ଗୃହିଣୀ, କର୍ତ୍ତବ୍ୟପରାୟଣା ପତ୍ନୀ, ସ୍ନେହୀ ମା', ଦାୟିତ୍ୱବାନ ମୁରବୀ, ସୁଦକ୍ଷା ସଙ୍ଗଠିକା, ସକ୍ରୀୟ ସାମାଜିକ ନେତ୍ରୀ, ମିଷ୍ଟଭାଷୀ ମହିଳା, ଦରଦୀ ବ୍ୟକ୍ତିତ୍ୱ, ବନ୍ଧୁ ବତ୍ସଳା ମାନବ ଏବଂ ପରୋପକାରୀ ମଣିଷ ଭାବରେ ସମାଜରେ ଖୁବ୍ ସୁନାମ ସାଉଁଟି ଚାଲିଛନ୍ତି। ପିତା ଯୋଗେନ୍ଦ୍ର କୁମାର ଦାସ ଏବଂ ମାତା ସବିତା ଦାସଙ୍କର ସୁଯୋଗ୍ୟ ସନ୍ତାନ ଅନିନ୍ଦିତା, କଟକ ସହରରେ ଜନ୍ମ ଗ୍ରହଣ କରିଥିଲେ। ଘରେ ସଙ୍ଗୀତ ପ୍ରତି ଆଗ୍ରହର ବାତାବରଣର ସଦୁପଯୋଗ କରି ସେ ବାଲ୍ୟକାଳରୁ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ଷାଠିଏ ଦଶକର ମହାନ ସଙ୍ଗୀତ ଗୁରୁବୃନ୍ଦ ଯଥା:- ଗୁରୁ କ୍ଷିତୀଶ ଚନ୍ଦ୍ର ମୈତ୍ର, ଗୁରୁ ଦୀପକ ବସୁ, ଗୁରୁ ମୋହନ ଚରଣ ସେନାପତି ଏବଂ ଗୁରୁ ଜେ. ଭି.ଏସ୍. ରାଓ ପ୍ରମୁଖଙ୍କଠାରୁ ସେ ଶାସ୍ତ୍ରୀୟ ଓ ଲଘୁ ସଙ୍ଗୀତରେ ତାଲିମ ଗ୍ରହଣ କରିଥିଲେ। ଆକାଶବାଣୀର ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରି ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ଅନିନ୍ଦିତାଙ୍କର ସୁମଧୁର ଗାୟନ ପରବର୍ତ୍ତୀ କାଳରେ ଦୂରଦର୍ଶନ ଏବଂ ଅନ୍ୟାନ୍ୟ ଘରୋଇ ଟେଲିଭିଜନ ଚ୍ୟାନେଲ ଗୁଡ଼ିକରେ ନିୟମିତ ଭାବରେ ପ୍ରସାରିତ ହୋଇଥିଲା। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେଉଥିବା ସଙ୍ଗୀତ ସମାରୋହମାନଙ୍କରେ ତାଙ୍କର ଉଚ୍ଚକୋଟୀର ପ୍ରଦର୍ଶନ ଲଗାତାର ଭାବରେ ଜାରି ରହିଥିବା ଦେଖାଯାଉଛି। ଚଳଚ୍ଚିତ୍ରର ଜଣେ ସୁଦକ୍ଷା ପ୍ରଚ୍ଛଦପଟ୍ଟ ଗାୟିକା ଭାବରେ ପ୍ରତିଷ୍ଠା ଅର୍ଜନ କରିଥିବା ଅନିନ୍ଦିତାଙ୍କର, ସଙ୍ଗୀତ ଦୁନିଆର କିମ୍ବଦନ୍ତୀ ପୁରୁଷ ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ସଙ୍ଗୀତ ନିର୍ଦ୍ଦେଶିତ ବଧୂ ନିରୁପମା, କାଳିଆ ଭରସା ଓ ଗଙ୍ଗା ଯମୁନା ସରସ୍ୱତୀ ଆଦି ଲୋକପ୍ରିୟ ଚଳଚ୍ଚିତ୍ରରେ କଣ୍ଠଦାନ, ଶ୍ରୋତାମାନଙ୍କ ଦ୍ୱାରା ବହୁଳ ଭାବରେ ଆଦୃତ ହୋଇଛି । ସେ ହିନ୍ଦୀ ଭାଷାର ଶିଶୁ ଚଳଚ୍ଚିତ୍ର 'ବରଗଦ ଦାଦା'ରେ ମଧ୍ୟ ସଙ୍ଗୀତ ଗାୟନ କରିଛନ୍ତି। ତାଙ୍କର ସଫଳତା ପଛରେ ପ୍ରଥମେ ପିତାମାତା ଏବଂ ପରେ ପତି ଅବସରପ୍ରାପ୍ତ ଆଇ.ଏ.ଏସ. ଅଧିକାରୀ ଗୁରୁ ପ୍ରସାଦ ମିଶ୍ରଙ୍କର ସଦିଚ୍ଛା ଓ ସହଯୋଗ ଖୁବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଅନିନ୍ଦିତା କୁହନ୍ତି। ହିନ୍ଦୀ ଓ ଇଂରାଜୀ ଭାଷାର ମାତ୍ରାଧିକ ପ୍ରଚଳନ ଓ ପ୍ରଭାବ ହେତୁ ଓଡ଼ିଆ ଭାଷା ଓ ସଙ୍ଗୀତର ପ୍ରଚାର ପ୍ରସାର କ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟା ଓ ସଙ୍କଟ ନେଇ ଅନିନ୍ଦିତା ଖୁବ୍ ଆନ୍ଦୋଳିତ ଥିବା ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଏଣୁ ସେ କିଶୋର ଓ ଯୁବ ସମ୍ପ୍ରଦାୟକୁ ରାଜ୍ୟର ବରପୁତ୍ରମାନଙ୍କର ଅବଦାନ ସମ୍ପର୍କରେ ଅବଗତ କରାଇବା, ସେମାନଙ୍କ ସାମ୍ନାରେ ସେହି ମହାପୁରୁଷମାନଙ୍କର ସ୍ୱର୍ଣ୍ଣାଭ ଇତିହାସ ଓ ଐତିହ୍ୟକୁ ଉଜ୍ଜୀବିତ କରିବା ଏବଂ ଓଡ଼ିଆ ଜାତିର ସ୍ୱାଭିମାନ ଓ ଅସ୍ମିତା ସମ୍ପର୍କରେ ସେମାନଙ୍କ ଠାରେ ସଚେତନତା ସୃଷ୍ଟି କରିବା ଦିଗରେ ସଙ୍ଗୀତ ମାଧ୍ୟମରେ ଏକ ସ୍ୱତନ୍ତ୍ର ଅଭିଯାନ ଚଳାଇଥିବା ପ୍ରକାଶ କରିଛନ୍ତି । ସ୍ୱାଧୀନତା ସଂଗ୍ରାମ ଓ ରାଷ୍ଟ୍ର ନିର୍ମାଣର କର୍ଣ୍ଣଧାର ସାଜିଥିବା କୋଟି କୋଟି ଓଡ଼ିଆଙ୍କର ଗର୍ବ ଓ ଗୌରବ,ଏହି ତୁଙ୍ଗ ନେତାମାନଙ୍କର ଜୀବନ, ଦର୍ଶନ ଓ ଆଦର୍ଶ ସମ୍ପର୍କରେ ଆମର ଭବିଷ୍ୟତ ପୀଢ଼ିଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇବା ହିଁ ଅନିନ୍ଦିତାଙ୍କର ଏହି ମହତ ପ୍ରୟାସର ଆଭିମୁଖ୍ୟ। ସେ ଏହା ମଧ୍ୟରେ ମଧୁସୂଦନ ଦାସ, କୁନ୍ତଳା କୁମାରୀ ସାବତ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ବୀରକିଶୋର ଦାସ, ଲକ୍ଷ୍ମୀକାନ୍ତ ମହାପାତ୍ର, ଭୀମ ଭୋଇ, ଗଙ୍ଗାଧର ମେହେର, ବାଞ୍ଛାନିଧି ଦାସ, ରାଧାନାଥ ରାୟ ,ମଧୁସୂଦନ ରାଓ, ଗୋଦାବରୀଶ ମହାପାତ୍ର ଏବଂ ଗୋଦାବରୀଶ ମିଶ୍ର ପ୍ରମୁଖ ମହାନୁଭବମାନଙ୍କର କାଳଜୟୀ ରଚନା ଉପରେ ସଙ୍ଗୀତ ସଂଯୋଜନା କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଅନିନ୍ଦିତା ଦାସ ଏବେ ୱାର୍ଲ୍ଡ ଓଡ଼ିଶା ସୋସାଇଟିର ସାଧାରଣ ସମ୍ପାଦକ ତଥା ଏହାର ସାଂସ୍କୃତିକ ରାଷ୍ଟ୍ରଦୂତ ଅଛନ୍ତି । ଗଲଫ ଓଡ଼ିଆ ଆସୋସିଏସନ ମଧ୍ୟ ତାଙ୍କୁ ଏହାର ରାଷ୍ଟ୍ରଦୂତ ନିଯୁକ୍ତ କରିଛି। ଏହା ବ୍ୟତୀତ ସେ ହେଲଥ ଏଣ୍ଡ ଡେଭେଲପମେଣ୍ଟ ଇନିସିଏଟିଭର ନିର୍ଦ୍ଦେଶିକା, ଉତ୍କଳ ବିଶ୍ୱବିଦ୍ୟାଳୟ ଆଲୁମିନା ସଙ୍ଗଠନର ସାଂସ୍କୃତିକ ଆବାହକ ଏବଂ ସିଲଭର ଏଜ ଫାଉଣ୍ଡେସନ ଫର ଏଲଡରସ, ସିକ ଫର ଆନିମଲ ଏବଂ ଭୁବନେଶ୍ୱର ସ୍ଥିତ ଆର. ସି.ଏଫ. ରୋଟାରୀ କ୍ଲବର ସଦସ୍ୟା ଅଛନ୍ତି ଓ ସଂଗୀତ ଜରିଆରେ ସମାଜରେ ଶାନ୍ତି ଓ ସଦ୍ଭାବନା ପ୍ରତିଷ୍ଠା କରିବା ଅନିନ୍ଦିତାଙ୍କର ହୃଦୟର ଇଚ୍ଛା ଓ ଆନ୍ତର୍ଜାତିକ ସ୍ତରରେ ପାରଙ୍ଗମ ଢଙ୍ଗରେ ଓଡ଼ିଶାର କଳା, ସଂସ୍କୃତି ଏବଂ ଐତିହ୍ୟର ପ୍ରଚାର ଓ ପ୍ରସାର କରୁଥିବା ଦୃଷ୍ଟିରୁ ଅନିନ୍ଦିତାଙ୍କୁ ଦେଶ ବିଦେଶର ବହୁ ସଙ୍ଗଠନ ପକ୍ଷରୁ ପୁରସ୍କୃତ, ସମ୍ମାନିତ ତଥା ସମ୍ବର୍ଦ୍ଧିତ କରାଯାଇଛି।

# ଗଂଜାମ ଜିଲ୍ଲାରେ ସୁଭଦ୍ରା ରଥ ପରିକ୍ରମା

ଗଂଜାମ, ୮ ସେପଟ୍ଟେମ୍ବର (ହି.ସ.) ଗଂଜାମ ଜିଲାରେ ସୁଭଦ୍ରା ସଚେତନତା ରଥ ପରିକ୍ରମା ଗତକାଲିଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ମତ୍ସ୍ୟ ଓ ପଶୁସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୂଖ୍ୟ ଅତିଥି ରୂପେ ଯୋଗଦେଇ ପରିକ୍ରମା ରଥର ଶୁଭାରମ୍ଭ କରିଥିଲେ । ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଜିଲାର ୨୨ଟି ବ୍ଲକରେ ୧୧ଟି ପରିକ୍ରମା ରଥ ବୁଲି ସୁଭଦ୍ରା ଯୋଜନା ଯୋଜନା କାର୍ଯ୍ୟକ୍ରମ ଓ ଏହାର ସଫଳତା ସଂପର୍କରେ ମହିଳା ଓ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବ । ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଏସ୍ ଜଗମୋହନ ମିନା ଏନଏସି ଅଧ୍ୟକ୍ଷା ଶ୍ରମିଷ୍ଠା ପ୍ରଧାନଙ୍କ ସମେତ ବହୁ ସରକାରୀ ପଦାଧିକାରୀ, ଅଂଗନବାଡି କର୍ମୀ, ସୁଭଦ୍ରା ଯୋଜନା ଆବେଦନ କରିଥିବା ମହିଳା ଓ ଜନ ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ ।

# ଲଗାଣ ବର୍ଷାରେ କୁନ୍ଦୁରା ବ୍ଲକ ଦିଗାପୁରୁ ଅଂଚଳ ଜଳମଗ୍ନ

କୋରାପୁଟ, ୮ ସେପଟ୍ଟେମ୍ବର (ହି.ସ.) ଓଡ଼ିଶାର ପୂର୍ବ ପଶ୍ଚିମାଂଚଳ ବଙ୍ଗୋପସାଗରରେ ଲଘୁଚାପ ଘନୀଭୂତ ହୋଇଥିବା କାରଣରୁ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ମୁତାବକ କୋରାପୁଟ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାର ପ୍ରଭାବ ଆଜି କୋରାପୁଟ ଜିଲ୍ଲାରେ ଦେଖିବାକୁ ମିଳିଛି। ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ଅନେକ ଅଂଚଳ ଜଳମଗ୍ନ ହୋଇଯାଇଛି। ବିଶେଷ ଭାବେ କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଦିଗାପୁର ଗ୍ରାମ ପଂଚୟତ ସମେତ ଅନେକ ଗ୍ରାମ ଜଳବନ୍ଦୀ ଘେରରେ ରହିଛି। ଗତକାଲି ସଂଧ୍ୟା ସମୟ ଠାରୁ ଦୀର୍ଘ ୨୪ ଘଂଟା ଧରି ଲଗାଣ ବର୍ଷା ଲାଗି ରହିଥିବା କାରଣରୁ ବର୍ତ୍ତମାନ ଦିଗାପୂରକୁ ଯାତାୟାତ କରିବା ଅସମ୍ଭବ ହୋଇପଡିଛି। ଅଂଚଳବାସୀଙ୍କ ପ୍ରତି ରାସ୍ତା ଜଳମଗ୍ନ ହୋଇଥିବା ସହିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖାଯାଇଛି। ଜଳ ଘେରରେ ଥିବା ଉପାନ୍ତ ଅଂଚଳବାସୀ ଜଳଘେରରୁ ଉଦ୍ଧାର କରିବା ନିମନ୍ତେ ସରକାରଙ୍କ ନିକଟରେ ଗୁହାରି ଜଣାଇଛନ୍ତି। ସ୍ଥାନୀୟ କୋଟପାଡ ବିଧାୟକ ରୁପୁ ଭତ୍ରା ବନ୍ୟାଂଚଳ ପରିଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କୁ ଯୋଗାଯୋଗ କରିଛନ୍ତି। ଏବଂ ଜଳବନ୍ଦୀରେ ଥିବା ଗ୍ରାମବାସୀମାନଙ୍କୁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଜରୁରୀକାଳୀନ ସୁବିଧା ଯୋଗାଇଦିଆଯିବ ବୋଲି ସେ କହିଛନ୍ତି।

# ମାଁ ପାଟଣେଶ୍ୱରୀ ଦେବୀଙ୍କୁ ନବାନ୍ନ ଅର୍ପଣ ଏକ ହଜାରରୁ ଉର୍ଦ୍ଧ୍ୱ ଭକ୍ତମାନେ ନବାନ୍ନ ପାଇଲେ

ବଲାଙ୍ଗିର, ୮ ସେପଟ୍ଟେମ୍ବର (ହି.ସ.)ବଲାଙ୍ଗିର ପାଟଣା ଅଧିଷ୍ଠାତ୍ରୀ ମାଁ ପାଟନେଶ୍ୱରୀ ଙ୍କ ପିଠ ରେ ବିଶୁଦ୍ଧ ଲଗ୍ନ ଅନୁସାରେ ନବାନ୍ନ ଲାଗି ହୋଇଥିଲା । ପାଶ୍ୱର୍ ଦେବାଦେବୀ ପୂଜା ସହ ମାଁ ଙ୍କ ଗୁପ୍ତ ନୀତି ରେ ନବାନ୍ନ ଲାଗି ପୂର୍ବକ ମହା ଆଳତୀ ହୋଇଥିଲା । ମାଁ ଙ୍କ ପାଖରେ ସ୍ୱତନ୍ତ୍ର ଭୋଗ ସହ ନୂଆଁ ଅନ୍ନ ଲାଗି ହୋଇଥିଲା । ମନ୍ଦିର ତରଫରୁ ଭକ୍ତମାନଙ୍କ ପାଇଁ ନବାନ୍ନ ପ୍ରସାଦ ନେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା । ଇଷ୍ଟଦେବୀ ଙ୍କ ଲାଗି ପ୍ରସାଦ ନେଇ ଜନତା ନିଜ ଘରେ ପରିବାର ସହ ନବାନ୍ନ ଭକ୍ଷଣ କରିଥିଲେ । ନବାନ୍ନ ନେବା ପାଇଁ ଓ ଦର୍ଶନ ପାଇଁ ମନ୍ଦିରରେ ଅନେକ ଭିଡ ଲାଗିଥିଲା । ଓଡିଶା ଉପ-ମୁଖ୍ୟମନ୍ତ୍ରୀ ତଥା ବଲାଙ୍ଗିର ପାଟଣା ମହାରାଜ କନକ ବର୍ଦ୍ଧନ ସିଂଦେଓ ବଲାଙ୍ଗିର ମାଁ ପାଟଣେଶ୍ୱରୀଙ୍କୁ ଦର୍ଶନ କରି ନବାନ୍ନ ଗ୍ରହଣ କରିଥିଲେ । ମୁଖ୍ୟ ପୂଜକ ମଳୟ କୁମାର ଦିସ୍ରୀ ନବାହ୍ନ ଲାଗି କରିଥିଲେ ଏଥିରେ ଅବିନାଶ ଦିସ୍ରୀ ସହଯୋଗ କରିଥିଲେ । ନୂଆଁଖାଇ ଉପଲକ୍ଷେ ସହରର ଭକ୍ତମାନଙ୍କର ସ୍ୱତନ୍ତ୍ର ନବାନ୍ନ ଅର୍ପଣ କରାହୋଇଥିଲା । ଏକ ହଜାରରୁ ଉର୍ଦ୍ଧ୍ୱ ନବାହ୍ନ ଅର୍ପଣ କରାହୋଇଥିଲା । ଏହି ଅବସରରେ ଏକ ନୂଆଁଖାଇ ଜୁହାର ର ସେଲ୍ଫି ପଏଂଟ କରାଯାଇଥିଲା, ମାଁ ଙ୍କୁ ଦର୍ଶନ କରି ସେଲ୍ଫି ପଏଂଟ ରେ ଭକ୍ତଙ୍କ ଗହଳି ଲାଗି ରହିଥିଲା ।

# କେନ୍ଦ୍ରାପଡାରେ ବିଜେପିର ସଦସ୍ୟତା ଅଭିଯାନ

କେନ୍ଦ୍ରାପଡ଼ା, ୦୮ ସେପ୍ଟେମ୍ବର (ହି.ସ.) କେନ୍ଦ୍ରାପଡା ପୌରସଂସ୍ଥା ଟାଉନହଲ ଠାରେ ବିଜେପି ର ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । କେନ୍ଦ୍ରାପଡା ସାଂସଦ ମାନ୍ୟବର ବୈଜୟନ୍ତ ପଣ୍ଡା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ଦୁର୍ଯ୍ୟୋଧନ ସାହୁ, ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ, ସଂଖ୍ୟାଲଘୁ ରାଜ୍ୟ ଉପ ସଭାପତି ସଲିମ ଖାନ, କୃଷକ ନେତା ବିକ୍ରମ ରାଉତରାୟ, ସାଧାରଣ ସଂପାଦକ ଉପୀନ ରାଉତ, ନଗର ସଭାପତି ପ୍ରମୋଦ ମହାନ୍ତି, ମହିଳା ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦ, ଝିଲ୍ଲୀ ଦାସ, ମନିଷା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପୌରାଂଚଳ ୨୧ଟି ୱାର୍ଡ ଓ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ଆସିଥିବା ବିଜେପି ପ୍ରେମୀ ମାନଙ୍କୁ ମାନ୍ୟବର ସାଂସଦ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ସେମାନଙ୍କୁ ସଦସ୍ୟତା ଗ୍ରହଣ କରାଇଥିଲେ । ଏଥି ସହିତ ଭାରତର ମାନ୍ୟବର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର କାର୍ଯ୍ୟକଳାପ ଓ ଦେଶର ଉନ୍ନତି ଓ ନୂତନ ଯୋଜନା ଗୁଡିକୁ ଜନ ସାଧାରଣଙ୍କ ନିକଟରେ ପହଁଚାଇବାରେ ତାଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ। ରାଜ୍ୟରେ ବିଜେପି ସରକାର ଜନ ସାଧାରଣଙ୍କ ପାଇଁ ବିଭିନ୍ନ ଯୋଜନା ଗୁଡିକୁ ଚାଷି, ମୁଲିଆଙ୍କ ନିକଟରେ ପହଁଚାଉଥିବା ପ୍ରକାଶ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମିଡିଆ ସେଲର ନେହେରୁ କୁମାର ସାହୁ, ସଂଜୟ ରଥ, ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତ, ସୁରଥ ସେଠୀ, ଅମିତାଭ ସୁଆର, ପାର୍ବତୀ ବେହେରା, ଶୋଭନ ଆଚାର୍ଯ୍ୟ, ଦୟାନିଧି ବଳଙ୍କ ସହ ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ୪୦ତମ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ

# ଫାଇନ୍ ପାଇଁ ନୁହେଁ ଜୀବନ ପାଇଁ ହେଲମେଟ୍ : ୩ଟି 'ଇ' ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ



ଭଦ୍ରକ, ୮/୦୯ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଞ୍ଚଳିକ ପରିବହନ ଉପ ବିଭାଗ ଜରିଆରେ ସଦ୍‌ଭାବନା ସଭା ଗୃହରେ ୪୦ତମ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ୍ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ବୈଠକ ତାଙ୍କ ପାଇଁ ପ୍ରଥମ ଥିଲା । ଦୁଇ ଚକିଆ ଯାନରେ ୩ଜଣ ବସିବା, ଫାଇନ୍‌ରୁ ବର୍ତ୍ତିବା ପାଇଁ ପୋଲିସ୍ ଦେଖିଲେ ହେଲମେଟ୍ ପିନ୍ଧିବା ଓ ପରେ ମୁଣ୍ଡରୁ କାଢ଼ି ବ୍ୟାଗ୍‌ରେ ରଖିଦେବା, ସଡ଼କ ସୁରକ୍ଷା ନିୟମ ଅନୁପାଳନରେ ଆମେ କେତେ ବେଖିଆଲି ଦକ୍ଷିଣ କୋରିଆ ଗସ୍ତରେ ଜିଲ୍ଲାପାଳ ତାଙ୍କ ଅନୁଭୂତି ଓ ଅବତାରଣା ଆଧାରରେ ପ୍ରକାଶ କରିଥିଲେ । ଭଦ୍ରକ ଜିଲ୍ଲାରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମର ବାସ୍ତବ ଚିତ୍ର ସମୀକ୍ଷା କରିବାକୁ ଯାଇ ଜିଲ୍ଲାପାଳ କାର୍ଯ୍ୟସୂଚୀ ଅନୁଯାୟୀ ଆର.ଟି.ଓ. ରାମ ନିବାସ ସିର୍କାଙ୍କ ଦ୍ୱାରା ଉପସ୍ଥାପିତ ତଥା ଆଧାରରେ ଟିକିନିଖି ସମୀକ୍ଷା କରିଥିଲେ । ବିଗତ ଦୁଇ ବର୍ଷରେ ଭଦ୍ରକ ଜିଲ୍ଲାରେ ହୋଇଥିବା ସଡ଼କ ଦୁର୍ଘଟଣାର ତୁଳନାତ୍ମକ ତଥ୍ୟକୁ ତନଖିବା ସହ ଗତ ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀତା, ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ବିଭିନ୍ନ ଜରୁରୀକାଳୀନ ସେବା, ଗୃହ ଓ ନଗର ଉନ୍ନୟନ ବିଭାଗ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଜିଲ୍ଲାପାଳ ଆଲୋକପାତ କରିଥିଲେ । ବୈଠକରେ ପ୍ରଦତ୍ତ ବର୍ଷୱାରୀ ତୁଳନାତ୍ମକ ସଡ଼କ ଦୁର୍ଘଟଣା ତଥ୍ୟ ନଅନୁଯାୟୀ ବିଗତ ଦୁଇବର୍ଷ ତୁଳନାରେ ଅଗଷ୍ଟ ସୁଦ୍ଧା ଚଳିତ ବର୍ଷର ଦୁର୍ଘଟଣା ଓ ମୃତ୍ୟୁ ହାର ଅପେକ୍ଷାକୃତ କମ୍ ଥିଲେ ବି ଆଶାଜନକ ହ୍ରାସ ଘଟି ନାହିଁ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏଥିପାଇଁ ସଡ଼କ ସୁରକ୍ଷାରେ ପ୍ରମୁଖ ଭୂମିକା ରଖୁଥିବା ୩ଟି 'ଇ'ର ଗୁରୁତ୍ୱ କଥା ବୁଝାଇଥିଲେ । ଏଜୁକେଶନ ଅର୍ଥାତ୍ ଶିକ୍ଷା, ଏନ୍‌ଫୋର୍ସମେଣ୍ଟ ବା ଧରପଗଡ଼ ଓ ଇଞ୍ଜିନିୟରିଂ ବା ରାସ୍ତା ନିର୍ମାଣରେ ତ୍ରୁଟି ସୁଧାର ଉପରେ ପ୍ରାଧାନ୍ୟ ଦିଆଗଲେ ସଡ଼କ ସୁରକ୍ଷା ରେ ସଫଳତା ମିଳିବ ବୋଲି ସେ ପ୍ରକାଶ କରିଥିଲେ । ଶିକ୍ଷା ସଚେତନତା ବୃଦ୍ଧି ପାଇଁ ସ୍କୁଲ ସ୍ତରରେ ଉଦ୍ଦିଷ୍ଟ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶନ, ସଡ଼କ ସୁରକ୍ଷା ନେଇ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଇ ଆଗାମୀ ଶିଶୁ ଦିବସ ପାଳନ ଅବସରରେ ପୁରସ୍କୃତ କରିବାକୁ ଡ଼ିଇଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଗତ ୩୯ତମ ସଡ଼କ ସୁରକ୍ଷା ବୈଠକ ବିବରଣୀର ସମୀକ୍ଷା ଆଧାରରେ ସଂପୃକ୍ତ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପାଦନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ଆଦେଶ ପ୍ରଦାନ କରିଥିଲେ । ବନ୍ତ ଛକରୁ ବସନ୍ତିଆ ପର୍ଯ୍ୟନ୍ତ ରାସ୍ତାରେ ଥିବା ଅତ୍ୟଧିକ ଉଚ୍ଚତା ବିଶିଷ୍ଟ ହମ୍ପସ୍‌ର ଉଚ୍ଚତା କମାଇବା ପାଇଁ କମିଟି ସଦସ୍ୟ ସମ୍ବାଦିକ ରୋଟାରିଆନ୍ ଅତିସ୍ ବେହେରାଙ୍କ ଦାବୀ ବାରମ୍ବାର ଉପସ୍ଥାପନ ପରେ ବି କାର୍ଯ୍ୟ ନହେବା ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରକାଶ କରିଥିଲେ । ଅନ୍ୟତମ କମିଟି ସଦସ୍ୟ ବସ୍ ସିଣ୍ଡିକେଟ୍ ସଭାପତି ଶ୍ରୀନିବାସ ପତି ଜାତୀୟ ରାଜପଥରେ ଆଲୁଅ ନଜଳିବା, ଭଦ୍ରକ ସହର, ଆଖଣ୍ଡଳ ମଣି ମନ୍ଦିର ଆଦିକୁ ରାସ୍ତା ସମ୍ବନ୍ଧୀୟ ଫଳକ ନଲଗାଯିବା, ଆରଡ଼ି.ଛକ ରାସ୍ତା ଓ ବିଷ୍ଣୁପୁର ଠାରେ ନିର୍ମାଣଧୀନ ଫ୍ଲାଇ ଓଭର ବ୍ରିଜ୍ ସମ୍ପୂର୍ଣ୍ଣ ନହେବା ଆଦି ସମସ୍ୟାର ସମାଧାନ ପାଇଁ ବୈଠକରେ ଉପସ୍ଥିତ ଜାତୀୟ ରାଜପଥ ଅଧୀକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଅଜଣା ଯାନ ବାହାନ ଦ୍ୱାରା ଧକ୍କା ଯୋଗୁଁ (ହିଟ୍ ଆଣ୍ଡ ରନ୍) ଦୁର୍ଘଟଣା ମାମଲାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ସହାୟତା ମିଳିବା ଏବଂ ଦୁର୍ଘଟଣା ପୀଡ଼ିତ ବ୍ୟକ୍ତିଙ୍କୁ ଡ଼ାକ୍ତରଖାନାରେ ପହଞ୍ଚାଇଥିବା ଲୋକଙ୍କ ବିରୁଦ୍ଧରେ ପୋଲିସ୍ କେଶ୍ କରାନଯାଇ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ ଭଳି ଗୁଡ଼ ସମାରିଟାନ୍ ନୀତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଅନ୍ୟତମ କମିଟି ସଦସ୍ୟ ରବିନାରାୟଣ ଖିଲାରଙ୍କ ସହ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ । ଆର.ଟି.ଓ. କାର୍ଯ୍ୟାଳୟର ଅଧିକାରୀ ଆସିଷ୍ଟାଣ୍ଟ ଆର୍.ଟି.ଓ. ଶ୍ରୀକାନ୍ତ ଦାସ, ଜୁନିୟର ଆସିଷ୍ଟାଣ୍ଟ ଟ୍ରାନସ୍‌ପୋର୍ଟ ବିଶ୍ୱଜିତ ଲେଙ୍କା, କର୍ମଚାରୀ ୱାସିମ୍ ଅଖତର ଖାନ୍ ଏହି ବୈଠକ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

## ସି.ଏମ୍ କିଷାନ ଯୋଜନାରେ ଉପକୃତ ହେବେ ଜିଲ୍ଲାର ୧ ଲକ୍ଷ ୮୦ ହଜାର ଚାଷୀ

କେନ୍ଦ୍ରାପଡ଼ା, ୦୮ ସେପ୍ଟେମ୍ବର (ହି.ସ.) କେନ୍ଦ୍ରାପଡା ଜିଲ୍ଲାରେ ସି.ଏମ୍ କିଷାନ ଯୋଜନାରେ ୧ ଲକ୍ଷ ୮୦ ହଜାର ୬୧୦ ଜଣ ଚାଷୀ ଉପକୃତ ହେବେ ବୋଲି ଜଣାପଡିଛି । ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭରର୍ଚୁଆଲ ମାଧ୍ୟମରେ ଜିଲ୍ଲପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ମୃର୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ଭରର୍ଚୁଆଲ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କିଷାନ ଯୋଜନାର ବାର୍ତା ଚାଷୀ ମାନଙ୍କୁ ଶୁଣାଇଥିଲେ। କେନ୍ଦ୍ରାପଡା ଜିଲ୍ଲା ଏକ କୃଷି ପ୍ରାଧାନ୍ୟ ଜିଲ୍ଲା ହୋଇଥିବାରୁ ଜିଲ୍ଲାର ମହିଳା, ପୁରୁଷ, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଏହି ଯୋଜନାରେ ଲାଭବାନ ହୋଇ ପାରିବେ । ଆୟୋଜିତ ଏହି ଭରର୍ଚୁଆଲ କାର୍ଯ୍ୟକ୍ରମ ରେ ଜିଲ୍ଲାର ଡେରାବିଶ ଏବଂ କେନ୍ଦ୍ରାପଡା ବ୍ଲକର ବହୁ ଚାଷୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ପଟ୍ଟାମୁଣ୍ଡାଇ କୃଷି ଅଧିକାରୀ ଦିଜବର ସେଠୀ, ମାର୍ଶାଘାଇ ର ହେମନ୍ତ କୁମାର ସାମଲଙ୍କ ସହ ଅନ୍ୟ ବ୍ଲକ କୃଷି ଅଧିକାରୀଙ୍କ ସମେତ କୃଷି ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# କୋଲାବ ନଗରରେ ବିଶ୍ୱ ସାକ୍ଷରତା ଦିବସ ପାଳିତ

କୋରାପୁଟ, ୮ ସେପଟ୍ଟେମ୍ବର (ହି.ସ.) କୋଲାବ ନଗରରେ ବିଶ୍ୱ ସାକ୍ଷରତା ଦିବସ ।ଳିତ ହୋଇଛନ୍ତି । କୋରାପୁଟ ଗୋଷ୍ଠୀ ଶିକ୍ଷା ବିଭାଗ ଏବଂ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଆନୁକୁଲ୍ୟରେ କୋଲାବନଗର ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହ ଠାରେ ବିଶ୍ୱ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିରକ୍ଷର ମାନଙ୍କୁ ସାକ୍ଷର କରିବାକୁ ଉପସ୍ଥିତ ଅଭିଭାବକ ଓ ଅଭିଭାବିକାମାନଙ୍କୁ ଶଥ ପାଠ କରାଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଅବସରରେ ନିରକ୍ଷର ମାନଙ୍କୁ ଉଲ୍ଲାସ ପୁସ୍ତକ ବଂଟନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବାଶିଷ ପ୍ରଧାନ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଶୋଭା ଅନୁଷ୍ଠାନର ସଂଯୋଜକ ରାମା ରାଓ, ୱାର୍ଡ଼ ମେମ୍ବର ହୀରା ହରିଜନ ଓ ସୋମନାଥ ଖରା, ସିଆରସିସି ସୂର୍ଯ୍ୟ ନାରାୟଣ ବେହେରା, ଶିକ୍ଷକ ସୁଜିତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶୋଭା ଅନୁଷ୍ଠାନର ଏସ. କ୍ରୀଷ୍ଣା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ବଜ୍ରପାତରୁ ରକ୍ଷା ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟରେ ତାଳ ଗୋଟମା ଲଗାଇଲା ଟିହିଡି ଯୁବମଂଚ

ଭଦ୍ରକ, ୮ ସେପ୍ଟେମ୍ବର (ହି.ସ.) - ବଜ୍ରପାତର ମାତ୍ରା ଏବେ ବଢ଼ିବାରେ ଲାଗିଛ। ଏହାର ପ୍ରଭାବରେ ବହୁ ମୂଲ୍ୟବାନ ଜୀବନ ଚାଲିଯାଉଛି। ଏହା ସହ ବହୁ ଧନ ସମ୍ପତି ମଧ୍ୟ ନଷ୍ଟ ହେଉଛି। ଏହାର ମାତ୍ରାକୁ କମ କରିବା ପାଇଁ ତାଳଗଛ ହିଁ ମାଧ୍ୟମ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି। ସରକାର ମଧ୍ୟ ତାଳଗଛ ଲଗାଇବାକୁ ପ୍ରାଥମିକତା ଦେବା ସହ ତାଳଗଛ କାଟିବାକୁ ନିଷେଧ କରିଛନ୍ତି। ଅଗ୍ରଣୀ ସାମାଜିକ ସଂଗଠନ 'ତିହିଡ଼ି ଯୁବମଂଚ' ତରଫରୁ ଦ୍ୱିତୀୟ ପର୍ଯ୍ୟାୟରେ କାନ୍ତକବିଙ୍କ ଜନ୍ମପୀଠ ତାଳପଦା ଗ୍ରାମପଂଚାୟତର ବିଭିନ୍ନ ସ୍ଥାନରେ ବଜ୍ରପାତର ମାତ୍ରାକୁ କମ କରିବା ପାଇଁ ୫୦ଟି ତାଳ ଗୋଟମା ରୋପଣ କରାଯାଇଥିଲା। ଚଳିତ ବର୍ଷ ୨୦୦ ତାଳ ଗୋଟମା ବିଭିନ୍ନ ସ୍ଥାନରେ ରୋପଣ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି ।ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଜାରି ରହିବ। ତାଳ ଗୋଟମା ଲଗାଇବା ସହ ତାଳଗଛ ସଂରକ୍ଷଣ ପାଇଁ ଜନ ସଚେତନତା ମଧ୍ୟ ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନ ପକ୍ଷରୁ ସଭାପତି କୈଳାସ ବେହେରା, ସମ୍ପାଦକ ନିରଂଜନ ବାରିକ, ସଂଯୋଜକ ଆଇନଜୀବି ନୀଳମାଧବ ସେନାପତି, ସମାଜସେବୀ ବ୍ରହ୍ମାନନ୍ଦ ମହାପାତ୍ର, ଦୀପକ ସେଠୀ,କୋଷାଧ୍ୟକ୍ଷ ସାକିରୁଦ୍ଦିନ ଖାଁ, ସଦସ୍ୟ ସୁବ୍ରତ ମିଶ୍ର, ବାସ୍ତବ ପଣ୍ଡା ପ୍ରମୁଖ ସାମିଲ ହୋଇ ତାଳ ଗୋଟମା ରୋପଣ କରିଥିଲେ।

# ଗ୍ରାମ୍ୟ ଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୦୮ ସେପ୍ଟେମ୍ବର (ହି.ସ.) କେନ୍ଦ୍ରାପଡା ଦୁହୁରିଆ ଠାରେ ଥିବା ଗ୍ରାମ୍ୟ ଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୪୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଥିବା ଜଣାପଡିଛି । ଏହି ଶିବିରକୁ ସାଂସଦ ବୈଜୟନ୍ତ ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଲିଳିତା ଦାସ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଫାଉଣ୍ଡେସନର ସଭାପତି ବିକାଶ କୁମାର ନାୟକ, ଜୟଦେବ ପ୍ରଧାନ, ଶିବାନୀ ଶଙ୍କର ନାୟକ, ଅଂଶୁମାନ ମହାରଣା, ବିକ୍ରମ କେଶରୀ ରଣା, ଦେବାଶିଷ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ସୁଶିଲ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁରୁ ସାକ୍ଷାତ ପରଂବ୍ରହ୍ମ



ସୁଷମା ପରିଜା




ସଂସାର ରୂପକ ଏ ଭବସାଗର ରେ ମଣିଷ ଜୀବନ ଏକ ନାବ( ଡଙ୍ଗା) ସଦୃଶ, ଯାହାର ନାଉରୀ ହେଉଛନ୍ତି ଗୁରୁ। ଗୁରୁଙ୍କ ନିର୍ଦ୍ଦେଶନାରେ ଜୀବନ ଡଙ୍ଗାକୁ ସୁଚାରୁରୂପେ ଚଳାଇ ନେଲେ ଈଶ୍ୱର ଅନୁକୂଳ ସ୍ରୋତ ଟିଏ ହୋଇଥାନ୍ତି।ଶ୍ରୀମଦ୍ ଭାଗବତ କହେ..

"ସୁଲଭ ନାବ ରୂପେ ଘଟେ, ବନ୍ଧନ ଭବ ସିନ୍ଧୁ ତଟେ / ଏ ନାବେ ଗୁରୁ କର୍ଣ୍ଣଧାର, ମୁହିଁ ଅନୁକୂଳ ସମୀର ।"

ଭାରତୀୟ ଗୁରୁ ଶିଷ୍ୟ ପରମ୍ପରାରେ ଗୁରୁ କେବଳ ଜଣେ ବ୍ୟକ୍ତି ନୁହଁନ୍ତି ସେ ସାକ୍ଷାତ ଈଶ୍ୱର, ସକଳ ଶକ୍ତିର ଉବା ସାମ୍ବ, ସକଳ ଜ୍ଞାନର ଭଣ୍ଡାର। ଗୁରୁ ଜ୍ଞାନର ଆଲୋକ ବର୍ତ୍ତିକା ଦେଖାଇ ଆମକୁ ଅଜ୍ଞାନ ତିମିରରୁ ଆଲୋକ ର ପଥକୁ ନେଇ ଆସନ୍ତି। ସଦ ଜ୍ଞାନ ଦେଇ ଆମକୁ ମଣିଷ ପଣିଆ ଶିଖାଇଥାନ୍ତି। ଯୋଗେଶ୍ୱର ଶ୍ରୀକୃଷ୍ଣ ମହାଭାରତରେ ଗୀତା ଛଳରେ ସଖା ଅର୍ଜୁନଙ୍କୁ କହିଛନ୍ତି...." ଗୁରୁ ନଥାଇ ସଦ ଜ୍ଞାନ, କାହୁଁ ପାଇବୁ ହେ ଅର୍ଜୁନ " । ଗୁରୁ ହେଉଛନ୍ତି ଜୀବନ ଗଢିବାର ମହାସୂତ୍ର।

ବେଦ ଉପନିଷଦ ପୁରାଣ ଇତିହାସ ସବୁଥିରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥାଏ। ଦେବ ଗୁରୁ ବୃହସ୍ପତି, ଶୁକ୍ରାଚାର୍ଯ୍ୟ, ଉପନିଷଦର ଗୁରୁ ଉଦ୍ଦାଳକଙ୍କ ଠାରୁ ଆରମ୍ଭ ରାମାୟଣ ରେ ଶ୍ରୀରାମଙ୍କ ଗୁରୁ ବଶିଷ୍ଠ, ମହାଭାରତରେ ଅର୍ଜୁନଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ, ଇତିହାସରେ ଶିବାଜୀ ମହାରାଜ ଙ୍କ ଗୁରୁ ସମର୍ଥ ରାମଦାସ ଯାଏଁ ଏହା ପ୍ରମାଣ କରିଦେଇ ଯାଇଛନ୍ତି ଯେ ଗୁରୁ କେବଳ ଜଣେ ବ୍ୟକ୍ତିଙ୍କୁ ନୁହେଁ, ସେମାନଙ୍କ ମାଧ୍ୟମରେ ଗୋଟିଏ ସମାଜ ଅଥବା ସାମ୍ରାଜ୍ୟକୁ ସୁନ୍ଦର ଭାବରେ ଗଢି ପାରନ୍ତି। ତେଣୁ ଗୁରୁମାନେ ଚିର ନମସ୍ୟ ହୋଇଥାନ୍ତି। ପାରମ୍ପରିକ ଭାବରେ ହିନ୍ଦୁମାନଙ୍କଦ୍ୱାରା ଶିକ୍ଷକମାନଙ୍କୁ ସମ୍ମାନ ଦେବା ପାଇଁ ଗୁରୁ ପୂର୍ଣ୍ଣିମା ପାଳନ କରାଯାଏ ।

ଉନବିଂଶ ଶତାବ୍ଦୀରେ ଅନେକ ଦେଶରେ ଶିକ୍ଷକ ଦିବସ ପାଳନ କରିବାର ଧାରଣା ଆରମ୍ଭ ହୋଇଥିଲା । ଅଧିକାଂଶ କ୍ଷେତ୍ରରେ ଜଣେ ସ୍ଥାନୀୟ ଶିକ୍ଷାବିତ୍ କିମ୍ବା ଶିକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଥିବା ବ୍ୟକ୍ତିଙ୍କ ଅବଦାନକୁ ପାଳନ କରାଯାଇଥାଏ । ଏହି ପ୍ରାଥମିକ କାରଣରୁ ବିଭିନ୍ନ ଦେଶ ଏହି ଦିନକୁ ବିଭିନ୍ନ ତାରିଖରେ ପାଳନ କରିଥାନ୍ତି। ଭାରତରେ ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ (ସେପଟ୍ମେର ୫) ଜନ୍ମଦିନ ୧୯୬୨ ପରଠାରୁ ଗୁରୁ ଦିବସ ଭାବେ ପାଳନ କରାଯାଏ । ଏହି ପରି ଜଣେ ମଣିଷ ଥିଲେ ମୋ'ର ମୋ' ର ବଡ ଗୁରୁ ମା' ସୁଶ୍ରୀ ରାଇ କିଶୋରୀ ଦାସ୍।

ସେ ଥିଲେ କଟକ ସହରର ଥୋରିଆ ସାହିରେ ଥିବା ମ୍ୟୁନିସିପାଲ୍ ଗାର୍ଲସ୍ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷୟତ୍ରୀ, ଜଣେ ଅନନ୍ୟା ଗୁରୁ ମା' ଯିଏ ଆମ ସ୍କୁଲ୍‌କୁ ଗୋଟିଏ ସାଧାରଣ ବିଦ୍ୟାଳୟକୁ ସହରର ଅନ୍ୟତମ ଶ୍ରେଷ୍ଠ ବିଦ୍ୟାଳୟ ରେ ପରିଣତ କରିବା ପାଇଁ ନିଜ ଜୀବନର ତେତିଶ ବର୍ଷ ( ୧୯୫୭-୧୯୯୦) ଉତ୍ସର୍ଗ କରିଦେଇଥିଲେ।

ସୁଶ୍ରୀ ରାଇ କିଶୋରୀ ଦାସ୍‌ଙ୍କର ଜନ୍ମ ସୁକିନ୍ଦା ଗଡ଼ରେ। ପିତା ଶ୍ରୀ ଦୁର୍ଗାଚରଣ ଦାସ ଥିଲେ ଜଣେ ପ୍ରାଥମିକ ସ୍କୁଲ୍ ଶିକ୍ଷକ ଏବଂ ମାତା ଶ୍ରୀମତୀ ସୁନାମଣି ଦେବୀ ଥିଲେ ଜଣେ ସାଧାରଣ ଗୃହିଣୀ। ୧୯୩୩ ମସିହା ଫେବୃୟାରୀ ୨୮ ତାରିଖ ରେଏହି ଦମ୍ପତିଙ୍କ କୋଳରେ ଯମଜ ସନ୍ତାନ ଭାବରେ ଜନ୍ମ ନେଇଥିଲେ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ। ବୈଷ୍ଣବ ଧର୍ମରେ ଦୀକ୍ଷିତ ଦୁର୍ଗା ଚରଣ ପୁଅର ନାମ ରଖିଥିଲେ ରାଇ ଚରଣ ଏବଂ ଝିଅର ନାମ ରଖିଥିଲେ ରାଇ କିଶୋରୀ । ବାଲ୍ୟକାଳରୁ ଅତ୍ୟନ୍ତ ମେଧାବୀ ଥିଲେ ସୁଶ୍ରୀ ରାଇ କିଶୋରୀ। ଖୋର୍ଦ୍ଧା ବେଗୁନିଆଁ ହାଇସ୍କୁଲ୍‌ରୁ ୧୯୪୯ ମସିହାରେ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍ କଲାପରେ ସେ ୧୯୫୫ ମସିହାରେ ଶୈଳବାଳା ମହିଳା ମହାବିଦ୍ୟାଳୟରୁ ସ୍ନାତକ କରିଥିଲେ ଏବଂ କଟକର ରାଧାନାଥ ଟ୍ରେନିଂ କଲେଜରୁ ୧୯୫୭ ମସିହାରେ ବି.ଇଡି ପାଶ୍ କରିଥିଲେ।

ଉଣେଇଶହ ସତାବନ ମସିହା, ଯେଉଁ ସମୟରେ କଟକ ସହରରେ ବାଳିକା ବିଦ୍ୟାଳୟ କହିଲେ କାଠଯୋଡି ପଟେ ଦରଘାବଜାର ଠାରେ ଏକ ମାତ୍ର ରେଭେନ୍ସା ବାଳିକା ବିଦ୍ୟାଳୟଟି ଥିଲା, ସେହି ସମୟରେ ସହରର ମଧ୍ୟ ଭାଗରେ ରହୁଥିବା ବାଳିକା ମାନଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ତତ୍କାଳୀନ ପ୍ରଶାସନ ମହାନଦୀ ପଟେ ଏକ ସ୍ୱତନ୍ତ୍ର ବାଳିକା ଉଚ୍ଚବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି କରି କଟକ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦେଲେ। କଟକ ପୌରପାଳିକା ଅଧୀନସ୍ଥ ଥୋରିଆ ସାହି ରେ ଥିବା ସରକାରୀ ଜମିରେ ଏହି ବିଦ୍ୟାଳୟଟି ସ୍ଥାପନ କରାଯିବାକୁ ସ୍ଥିର ହେଲା। ଏଠାରେ କହି ରଖିବା ଉଚିତ ହେବ ଯେ ଏହି ସ୍ଥାନଟି ସେ ସମୟରେ ପୌରପାଳିକାର ଡମ୍ପ୍ ୟାର୍ଡ୍ ବା ମଇଳାଖାତ ଭାବରେ ବ୍ୟବହୃତ ହେଉଥିଲା। ସେତେବେଳେ ପୌରପାଳିକାର କର୍ମଚାରୀ ମାନେ ହାତରେ ସଫା କରୁଥିବା ସହରର ବର୍ଜ୍ୟକୁ ଏଇଠି ଗଦା କରୁଥିଲେ। ସେଇ ନିକଟରେ ଥିଲା ସେମାନଙ୍କ ବସ୍ତି। ସେଇ ସ୍ଥାନର ଟିକିଏ କଡ଼କୁ ସ୍ଥାପିତ ହୋଇଥିଲା ମୁନିସିପାଲ୍ ବାଳିକା ଉଚ୍ଚବିଦ୍ୟାଳୟର ଭିତ୍ତି ପ୍ରସ୍ତର ।

ସ୍କୁଲ୍ ପାଇଁ ପ୍ରଥମ ପର୍ଯ୍ୟାୟରେ ଶିକ୍ଷୟତ୍ରୀ ଭାବରେ ୧୮/୭/ ୧୯୫୭ ରେ ନିଯୁକ୍ତି ପାଇଥିଲେ ନୂଆ କରି ବି.ଇଡି ପାଶ୍ କରି ଆସିଥିବା ମାତ୍ର ଚବିଶି ବର୍ଷ ର ତରୁଣୀ, ସୁଶ୍ରୀ ରାଇ କିଶୋରୀ ଦାସ୍। ତତ୍ କାଳୀନ ପ୍ରଶାସନର ନିର୍ଦ୍ଦେଶାନୁସାରେ ନିକଟସ୍ଥ ରାଣୀହାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବାଞ୍ଛାନିଧି ଶତପଥୀଙ୍କ ତତ୍ତ୍ୱାବଧାନରେ ନ୍ୱାଗତା ସୁଶ୍ରୀ ରାଇ କିଶୋରୀ ଦାସ୍ ଥୋରିଆସାହିରେ ପହଞ୍ଚି ସେଠାରେ ଅଳିଆ ଆବର୍ଜନାରୁ ଦୁବଘାସ ଯାଏଁ ସଫାକରି ସ୍କୁଲ୍ ଘର ଗଢିବା, ସେଠାରେ ପଢ଼ିବା ପାଇଁ ପିଲା ସଂଗ୍ରହ କରିବା ପର୍ଯ୍ୟନ୍ତ ସକଳ ପ୍ରାରମ୍ଭିକ କାର୍ଯ୍ୟ କରିଥିଲେ। ସ୍କୁଲ୍ ଗୃହ ନିର୍ମାଣ ଚାଲିଥିବା ସମୟରେ ପ୍ରଥମେ ପିଲାମାନଙ୍କୁ ସେଇ ଖୋଲା ପଡ଼ିଆରେ ପାଠ ପଢ଼ାଉଥିଲେ। ଦୁଇଟି ମାତ୍ର ଶ୍ରେଣୀ ଗୃହକୁ ନେଇ ଆରମ୍ଭ ହୋଇଥିଲା ସ୍କୁଲ୍‌ର ଷଷ୍ଠ ସପ୍ତମ ଦୁଇଟି ଶ୍ରେଣୀ। ପରବର୍ତ୍ତୀ ସମୟରେ ଖୋଲିଲା ଅଷ୍ଟମ ଶ୍ରେଣୀରୁ ଏକାଦଶ ଶ୍ରେଣୀ। ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ରାଇ କିଶୋରୀ ଦାସ୍‌ଙ୍କ ପରାମର୍ଶକ୍ରମେ ଅନ୍ୟାନ୍ୟ ଶିକ୍ଷୟତ୍ରୀ ମାନଙ୍କୁ ନିଯୁକ୍ତି ଦେଇଥିଲେ ସେ ସମୟର ପୌରପାଳିକାର ଅଧକ୍ଷ ଥିବା ଜିଲ୍ଲାପାଳ। ସେହି ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ରାଇ କିଶୋରୀ ଦାସ୍‌ଙ୍କ ତେତିଶି ବର୍ଷ (୧୮/୦୭/୧୯୫୭ - ୨୦/୧୨/୧୯୯୧ ) ର କାର୍ଯ୍ୟ କାଳ ମଧ୍ୟରେ ବିନ୍ଦୁ ବିନ୍ଦୁ କରି ବର୍ଷା ଜଳ ସଂଗୃହୀତ ହୋଇ ସରିତରୁ ସାଗର ପାଲଟି ଯିବା ଭଳି ପ୍ରଲମ୍ବିତ ହୋଇ ଯାଇଥିଲା ମୁନିସିପାଲ୍ ବାଳିକା ଉଚ୍ଚବିଦ୍ୟାଳୟ । ଆମ ଭଳି ଅନେକ କଞ୍ଚା ମାଟିକୁ ସେ ତାଙ୍କର ଛତ୍ରଛାୟାରେ ସୁଦୃଶ୍ୟ କଣ୍ଢେଇ କରି ଗଢ଼ି ଥିଲେ ଯେଉଁ ମାନେ ଆଜି ସମାଜ ର ବିଭିନ୍ନ କ୍ଷେତ୍ରରେ ସୁପ୍ରତିଷ୍ଠିତ ହୋଇପାରିଛନ୍ତି।

ସୁଶ୍ରୀ ରାଇ କିଶୋରୀ ଦାସ୍ ବାଲ୍ୟକାଳରୁ ପିତାଙ୍କର ବୈଷ୍ଣବ ଧର୍ମରେ ଅନୁପ୍ରାଣିତ ହୋଇ ପ୍ରଭୁ ଭକ୍ତିରେ ଲୀନ ହୋଇ ଚିର କୁମାରୀ ରହିବାର ସଂକଳ୍ପ କରିଥିଲେ । ଆଦ୍ୟ ଜୀବନର କାର୍ଯ୍ୟ କ୍ଷେତ୍ର ସେହି ବିଦ୍ୟାଳୟର ପରିସର ଥିଲା ତାଙ୍କର ସମଗ୍ର ପୃଥିବୀ ଏବଂ ବିଦ୍ୟାଳୟର ଛାତ୍ରୀମାନେ ଥିଲେ ତାଙ୍କର ସନ୍ତାନ। ବିଦ୍ୟାଳୟ ପରିସରର ଶେଷ ମୁଣ୍ଡରେ ଥିଲା ତାଙ୍କର (କ୍ୱାର୍ଟର) ବାସଗୃହ । ଦିନ ରାତି ଏକାକାର କରି ସେ ଲାଗିଥିଲେ ସ୍କୁଲ୍‌ର ଉନ୍ନତି ନିମନ୍ତେ। ସମୟାନୁବର୍ତ୍ତିତା, କଠୋର ଅନୁଶାସନ ଏବଂ ନିଷ୍ଠାପର କାର୍ଯ୍ୟ ଥିଲା ତାଙ୍କ ଜୀବନର ମାନଦଣ୍ଡ । ତାଙ୍କର ହୃଦୟଟି ଥିଲା ନଡ଼ିଆ ଭଳି ଉପରକୁ କଠିନ ସ୍ୱ ଭିତରେ କୋମଳ। ଛାତ୍ରୀଙ୍କ ପାଇଁ ସଙ୍ଗୀତ, ସାହିତ୍ୟ, ଖେଳକୁଦ, ନାଚଗୀତ, ଏନ୍ ସି ସି, ସ୍କାଉଟ୍ ଗାଇଡ୍ ଭଳି ସମସ୍ତ ବ୍ୟବସ୍ଥା କରି ଉନ୍ନତିର ପଥ ଖୋଲି ଦେଇଥିଲେ ସେ, କିନ୍ତୁ ସବୁଥିରେ ଥିଲା କଠୋର ଅନୁଶାସନ। ସେ ନିଜେ ନିଜ ଜୀବନରେ ଖୁବ୍ ଶୃଙ୍ଖଳିତ ଥିଲେ ଏବଂ ସମସ୍ତଙ୍କୁ ସମାନୁପାତିକ ଭାବରେ ଶୃଙ୍ଖଳିତ ରହିବା ପାଇଁ ନିର୍ଦ୍ଦେଶ ଦେଉଥିଲେ। ତାଙ୍କ ଦୁର୍ବଳ କ୍ଷୀଣ ଶରୀର ଭିତରେ ଥିଲା ଅନମନୀୟ ମାନସିକ ଦୃଢତା। ଖୁବ୍ ନିର୍ଭୀକ ଥିଲେ ସେ , ଯେ କୌଣସି ପରିସ୍ଥିତିରେ ଧୈର୍ଯ୍ୟ ହରା ନହୋଇ ପରିସ୍ଥିତିର ମୁକାବିଲା କରୁଥିଲେ । ସେଥିପାଇଁ ଅନେକଙ୍କର ଚକ୍ଷୁ ଶୂଳ ହୋଇଥିଲେ। ତାଙ୍କ କାର୍ଯ୍ୟକାଳର ଶେଷ ଭାଗରେ ଘୃଣ୍ୟ ରାଜନୈତିକ ଅଭିସନ୍ଧିର ଶୀକାର ହୋଇ ଅନେକ ଦୁଃଖ କଷ୍ଟ ଅପମାନ ଉପେକ୍ଷା ସହିଥିଲେ ମଧ୍ୟ ସେ ଭାଙ୍ଗି ପଡିନଥିଲେ। ଅନ୍ୟାୟ ବିରୁଦ୍ଧରେ ଲଢ଼େଇ କରି ଜୟଯୁକ୍ତ ହୋଇଥିଲେ। ୨୦୦୭ ମସିହାରେ ଏହି ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରେ କଟକ ମହାନଗରନିଗମର ତତ୍କାଳୀନ ମେୟର ସୁଶ୍ରୀ ନିବେଦିତା ପ୍ରଧାନ ଏବଂ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସମୀର୍ ଦେ ଉକ୍ତ ବିଦ୍ୟାଳୟ ପାଇଁ ତାଙ୍କର ଶ୍ରେଷ୍ଠ ଅବଦାନ ନିମନ୍ତେ ତାଙ୍କୁ ସମ୍ମାନିତ କରିଥିଲେ।

୧୯୯୦ ମସିହାରେ ଅବସର ନେଇ ସେ କଟକ ମହାନଦୀ ବିହାରରେ ନିଜର ପୁତୁରା ପାଖରେ ରହି ଅତ୍ୟନ୍ତ ସାଧାରଣ ଭାବରେ କାଟୁଥିଲେ ଅବସର ଜୀବନ। ୨୦୨୦ ମସିହା ମଇ ମାସ ୧୪ ତାରିଖରେ ସେଠାରେ ତାଙ୍କର ପରଲୋକ ଘଟିଥିଲା। ମୋ'ର ଏହି ମହୀୟସୀ ଗୁରୁମା'ଙ୍କର ତ୍ୟାଗ ତିତିକ୍ଷା ନିଷ୍ଠାପରତାର ସ୍ମରଣ କରି ଆଜି ଏ ଗୁରୁ ଦିବସରେ ତାଙ୍କ ଉଦ୍ଦେଶ୍ୟରେ ଭୂମିଷ୍ଠ ପ୍ରଣାମ ଜଣାଉଛି। ତସ୍ମୈ ଶ୍ରୀ ଗୁରବେ ନମଃ ॥

ଶାରଳା ଭବନ, ପୋତା ପୋଖରୀ, କଟକ-୪
ମୋ:୯୩୩୭୨୭୨୬୪୭

# ଖାଇବା ପରେ ଥଣ୍ଡା ପାଣି ପିଇବା ଦ୍ୱାରା ବଢିଯାଏ ହାର୍ଟ ଆଟାକର ସମ୍ଭାବନା



ସାଧାରଣତଃ ଆମ ଶରୀରର ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ଥାଏ। ଏଥିପାଇଁ ପିଇବା ପାଣିର ତାପମାତ୍ରା ୨୦ ରୁ ୨୨ ଡିଗ୍ରୀ ମଧ୍ୟରେ ରହିବା ଉପଯୁକ୍ତ। କେତେକ ବ୍ୟକ୍ତି ଖାଇବା ପରେ ଫ୍ରିଜ୍ ପାଣି ପିଇଥାଆନ୍ତି। କିନ୍ତୁ ଏହି ପାଣି ଯଦି ଅତ୍ୟଧିକ ଥଣ୍ଡା ହୋଇଥାଏ, ତେବେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

ପାଣି ଅଧିକ ଥଣ୍ଡା ଥିଲେ ଏବଂ ତାହାକୁ ପିଇଲେ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ। ଅପରପକ୍ଷରେ ଏହାର ସିଧାସଳଖ ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ଥଣ୍ଡା ପାଣି ପିଇବା ମାତ୍ରକେ ଢୋକିବା ପାଇଁ ସମୟ ଲାଗେ। କାରଣ ଏହି ପାଣିର ତାପମାତ୍ରା କିଛି ପରିମାଣରେ ସାମାନ୍ୟ ହେବା ପରେ ଗଳାରୁ ଖସିଥାଏ। କିନ୍ତୁ ନିରନ୍ତର ଖାଇବା ପରେ ସ୍ୱାସ୍ଥ୍ୟ ଥଣ୍ଡାପାଣି ପିଇବା କ୍ଷତିକାରକ ଭାବେ ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡା ପାଣି ପିଇବା ଦ୍ୱାରା ଟନ୍‌ସିଲ ସମସ୍ୟା ଉପୁଜିଥାଏ। ଥଣ୍ଡା ପାଣି ଦ୍ୱାରା ପେଟର ଅନ୍ତଃନଳୀ ସଙ୍କୁଚିତ ହୋଇଯାଏ, ଯଦ୍ୱାରା କଫ ସମସ୍ୟା ଦେଖାଦିଏ। ତେଣୁ କଫ ସମସ୍ୟା ଭୋଗୁଥିବା ଲୋକେ ଥଣ୍ଡା ପାଣିଠୁ ଦୂରରେ ରହିବା ଭଲ। ଖାଇବା ପରେ ଅତ୍ୟଧିକ ଥଣ୍ଡା ପାଣି ପିଇବା ଦ୍ୱାରା ହୃଦ୍‌ଘାତର ଆଶଙ୍କା ବଢ଼ିଥାଏ ବୋଲି ଆମେରିକୀୟ ବିଶେଷଜ୍ଞମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି।

# ପାଦର ଚିହ୍ନ, ରଙ୍ଗ, ଆକାର କହିବ ଆପଣଙ୍କ ଭବିଷ୍ୟତ: କିଏ ହେବ ଧନୀ, କିଏ ହେବ ଗରିବ



ମଣିଷର ହାତ, ଗୋଡ଼, ମୁହଁ, ଆଖି, ନାକର ଆକାରକୁ ଜ୍ୟୋତିଷ ଶାସ୍ତ୍ରରେ ଭବିଷ୍ୟତ ବିଷୟରେ ବହୁତ କିଛି ସୂଚନା ମିଳିଥାଏ । ତେବେ ପାଦରୁ ମଧ୍ୟ ଜଣଙ୍କ ବିଷୟରେ ଅନେକ ତଥ୍ୟ ଜାଣି ହୋଇଥାଏ । ପାଦରେ ଥିବା ଏପରି କିଛି ଚିହ୍ନକୁ ଅତ୍ୟନ୍ତ ଶୁଭ ଭାବେ ବିବେଚନା କରାଯାଇଥାଏ । ପାଦକୁ ଠିକ ରଖି ଧନ ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟାକୁ ଠିକ୍ କରାଯାଇ ପାରିବ ବୋଲି କୁହାଯାଇଥାଏ । ପାଦ ଓ ହାତର ସମ୍ପର୍କ ଧନ ଓ ସାମର୍ଥ୍ୟ ସହିତ ଜଡ଼ିତ ଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପାଦରୁ ଜଣେ ବ୍ୟକ୍ତିର ଯାତ୍ରା ବିଷୟରେ ମଧ୍ୟ ଜଣାପଡ଼ିଥାଏ । ହାତରେ ରହିଥିବା ଚିହ୍ନକୁ ସାଧାରଣ କୁହାଯାଉଥିବା ବେଳେ ପାଦର ଚିହ୍ନର ବିଶେଷ ମହତ୍ତ୍ୱ ରହିଥାଏ । ଲମ୍ବା ପାଦକୁ ମୂର୍ଖତାର ପ୍ରତୀକ କୁହାଯାଇଥାଏ । ମାତ୍ର ଲମ୍ବା ପାଦ ଥିବା ବ୍ୟକ୍ତିମାନେ ଜୀବନରେ ଅନେକ ସଫଳତା ହାସଲ କରୁଥିବା ଦେଖାଯାଉଛି । ଆବଶ୍ୟକଠାରୁ ଛୋଟ ପାଦ ଥିବା ଲୋକମାନେ ମାନସିକ ଚିନ୍ତାରେ ବୁଡ଼ି ରୁହନ୍ତି । ସେମାନେ ଅନେକ ସଂଘର୍ଷ କରିବା ପରେ ସଫଳତାର ସ୍ୱାଦ ଚାଖିଥାନ୍ତି। ପାଦ ନିକଟରେ ରହିଥିବା ଆଙ୍ଗୁଠିର ରେଖା ଭଲ ଥିଲେ ବହୁତ ଲାଭ ମିଳିଥାଏ । ଯଦି ପାଦର ଗୋଟିଏ ଆଙ୍ଗୁଠି ପାଖ ଆଙ୍ଗୁଠି ଠାରୁ ଛୋଟ ହୋଇଥାଏ, ତେବେ ବ୍ୟକ୍ତି ବଡ଼ ଭାଗ୍ୟଶାଳୀ ହୋଇଥାନ୍ତି । ଯଦି ପାଦର ସବୁଠାରୁ ଛୋଟ ଆଙ୍ଗୁଠିର ନଖ ବହୁତ ଛୋଟ ତେବେ ଜଣେ ଜୀବନରେ ବହୁତ ମୁସ୍କିଲ ସମୟ ଦେଇ ଗତି କରିଥାଏ। ଯଦି ସବୁଠାରୁ ଛୋଟ ଆଙ୍ଗୁଠି ଲମ୍ବା ହୋଇଥାଏ ତେବେ ଜଣଙ୍କ ପାଖରେ ଅର୍ଥର ଅଭା ରହିନଥାଏ । ଯଦି ପାଦର ଆଙ୍ଗୁଠିଗୁଡ଼ିକ ତେଢ଼ିମେଢ଼ି ହୋଇଥାନ୍ତି ତେବେ ବ୍ୟକ୍ତିଙ୍କ ଭାଗ୍ୟରେ ଦୁଇଥର ବିବାହ ଯୋଗ ରହିଥାଏ । ପାଦର ଆଙ୍ଗୁଠି ଅଧିକ ବଡ଼ ହୋଇଥିଲେ ଏହାକୁ ବୀମାରୀର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ । ଯଦି ପାଦର ଆଙ୍ଗୁଠିରୁ ଏକ ସିଧା ରେଖା ତଳକୁ ଯାଇଥିବ ତେବେ ବ୍ୟକ୍ତି ବୁଦ୍ଧିମାନ ହୋଇଥାଏ । ଯେତେ କମ୍ ରେଖଥିବ ଜଣେ ସେତେ ଅଧିକ ଭାଗ୍ୟବାନ ହେବ । ପାଦରେ ଅଧିକ ରେଖା ଥିଲେ ଜଣଙ୍କୁ ଜୀବନରେ ଅଧିକ ଜାଲରେ ପଡ଼ିବାକୁ ହୋଇଥାଏ । ଏପରି ଲୋକମାନେ ବହୁତ ପ୍ରୟାସ ପରେ ମଧ୍ୟ ସାଧନ ଯୋଗାଡ଼ କରିବାରେ ଅସମର୍ଥ ହୋଇଥାନ୍ତି । ପାଦରେ ଶଙ୍ଖ ବା ଚକ୍ର ରହିଥିଲେ ତାହାକୁ ଅତ୍ୟନ୍ତ ଦୁର୍ଲ୍ଲଭ ଓ ମହାପୁରୁଷଙ୍କ ପାଦ ବୋଲି ଗ୍ରହଣ କରାଯାଇଥାଏ। ଏପରି ଲୋକମାନେ ଜୀବନରେ ବଡ଼ ସଫଳତା ହାସଲ କରିଥାନ୍ତି । ପାଦର ରଙ୍ଗ ହାଲୁକା ଗୋଲାପୀ ବା ଧଳା ରହିଥିଲେ ବ୍ୟକ୍ତି ସର୍ବସ୍ୱ ସ୍ୱାସ୍ଥ୍ୟବାନ ରହିଥାଏ । ପାଦର ରଙ୍ଗ ହଳଦିଆ ହୋଇଥିଲେ ବ୍ୟକ୍ତି ଖରାପ ଦାମ୍ପତ୍ୟ ଜୀବନର ସାମ୍ନା କରିଥାନ୍ତି। ସେ ସର୍ବଦା ନିଜ ପାର୍ଟନରଙ୍କ ସହିତ ଝଗଡ଼ା କରିଥାନ୍ତି ।

# ଖାଦ୍ୟ ପସନ୍ଦ ଶୈଳୀରୁ ଜାଣିପାରିବେ ଝିଅଙ୍କ ଲଭ୍ ଲାଇଫ୍ ସମ୍ପର୍କିତ ରୋମାଞ୍ଚକର ତଥ୍ୟ

ଖାଦ୍ୟପେୟରେ ସମସ୍ତଙ୍କ ରୁଚି ଭିନ୍ନ ଭିନ୍ନ ହୋଇଥାଏ। କାହାକୁ ଖଟା ଖାଇବାକୁ ଭଲ ଲାଗୁ ଥିବାବେଳେ କାହାକୁ ମିଠା ଅଧିକ ପସନ୍ଦ ହୋଇଥାଏ। ତେବେ ଆପଣ ଜଣକର ଖାଦ୍ୟ ପସନ୍ଦ ଶୈଳୀରୁ ତାଙ୍କ ଲଭ୍ ଲାଇଫ୍ ସମ୍ପର୍କରେ ଜାଣିପାରିବେ। ତେବେ ଜାଣନ୍ତୁ ଝିଅଙ୍କ ଖାଦ୍ୟରୁଚି ଶୈଳୀରୁ ସେମାନଙ୍କ ଲଭ୍ ଲାଇଫ୍ ସମ୍ପର୍କିତ କିଛି ରହସ୍ୟପୂର୍ଣ୍ଣ କଥା।

**ଚକୋଲେଟ୍:** ସାଧାରଣତଃ ଝିଅମାନଙ୍କୁ ଚକୋଲେଟ୍ ପସନ୍ଦ ହୋଇଥାଏ। ତେବେ ଅଧିକ ଚକୋଲେଟ୍ ଖାଉଥିବା ଝିଅ ନରମ ସ୍ୱଭାବର ହୋଇଥାନ୍ତି। ସେମାନେ ମୁହାଁମୁହିଁ ସିଧା କଥା କହିଥାନ୍ତି।

**ଆଇସ୍‌କ୍ରିମ୍:** ଝିଅମାନଙ୍କୁ ଆଇସ୍‌କ୍ରିମ ଖାଇବା ବେଶି ପସନ୍ଦ ହୋଇଥାଏ । ତେବେ ଅଧିକାଂଶ ଝିଅଙ୍କୁ ଷ୍ଟ୍ରବେରୀ ଓ ଚକୋଲେଟ ଆଇସ୍‌କ୍ରିମ୍ ପସନ୍ଦ ଆସିଥାଏ। ସେମାନେ ସ୍ୱଭାବରେ ରୋମାଣ୍ଟିକ୍ ହେବା ସହ ଚଗଲୀ ଥାଆନ୍ତି।

ଆହୁରି ପଢନ୍ତୁ

**ମିଠା:** ମିଠା ପସନ୍ଦ କରୁଥିବା ଝିଅ ରାଗୀ ସ୍ୱଭାବର ହୋଇଥାନ୍ତି। ସେମାନେ ତାଙ୍କ ପାର୍ଟନରଙ୍କୁ ତାଙ୍କଠାରୁ ଅଲଗା ହେବାକୁ ଦିଅନ୍ତି ନାହିଁ।

**କଫି:** କଫି ପସନ୍ଦ କରୁଥିବା ଝିଅ ମଧ୍ୟ ରୋମାଣ୍ଟିକ ହୋଇଥାନ୍ତି। ଆତ୍ମନିର୍ଭରଶୀଳ ଓ କର୍ତ୍ତବ୍ୟନିଷ୍ଠା ଏମାନଙ୍କ ସ୍ୱଭାବରେ ସମ୍ପୂର୍ଣ୍ଣ ବାରି ହୋଇପଡେ। ଏମାନେ ପାର୍ଟନରଙ୍କ ବିଶ୍ୱାସୀ ହୋଇଥାନ୍ତି।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୯ ସେପ୍ଟେମ୍ବର ୨୦୨୪, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଦ୍ୟାଳୟ ପାଠଛଡ଼ା ଓ ହାତଖର୍ଚ୍ଚ ଯୋଜନା...

ବିଦ୍ୟାଳୟରୁ ଅଧାରୁ ପାଠଛଡ଼ା (ଡ୍ରପ୍‌ଆଉଟ୍) ଓ ଗୋଟିଏ ଶ୍ରେଣୀରେ ଏକାଧିକ ବର୍ଷ ପଢ଼ିବା (ଡିଟେନସନ୍) ହେଉଛି ଶିକ୍ଷା ବ୍ୟବସ୍ଥାର ଦୁଇ ପ୍ରମୁଖ ସମସ୍ୟା ଓ ଆହ୍ୱାନ। ଏହି ଦୁଇ ସମସ୍ୟା ଯେକୌଣସି ସ୍ତରରେ ଶିକ୍ଷା ପ୍ରଗତିର ପ୍ରମୁଖ ଅନ୍ତରାୟ ବୋଲି ଅନେକ କମିଟି, କମିଶନ୍ ଓ ବିଶିଷ୍ଟ ଶିକ୍ଷାବିତ ମତପ୍ରକାଶ କରିଛନ୍ତି। ସାଧାରଣ ଲୋକମାନେ ମଧ ଏହି ଦୁଇ ସମସ୍ୟା ସହ ଅଙ୍ଗେବହୁତ ଜଡ଼ିତ। ୧୯୨୯ ମସିହାରେ ବ୍ରିଟିଶ ଶାସନ କାଳରେ ଭାରତରେ ଶିକ୍ଷା ସ୍ଥିତି ଆକଳନ ଓ ଉନ୍ନତି ପାଇଁ ସାର୍ ଫିଲିପ୍ ଯୋସେଫଙ୍କ ଅଧକ୍ଷତାରେ ଲର୍ଡ ଇରୱିନ୍ ଏକ କମିଟି ଗଠନ କରିଥିଲେ। ସେହି କମିଟି ଅନୁଧ୍ୟାନ ମାଧ୍ୟମରେ ସୂଚେଇଥିଲେ କି ଡ୍ରପ୍‌ଆଉଟ୍ ଓ ଡିଟେନ୍‌ସନ୍ ହେଉଛି ଭାରତର ବିପର୍ଯ୍ୟସ୍ତ ପ୍ରାଥମିକ ଶିକ୍ଷାର ପ୍ରମୁଖ କାରଣ। ସ୍ୱାଧୀନତା ପରେ ଡ. ଲକ୍ଷ୍ମଣ ସ୍ୱାମୀ ମୁଦାଲିୟରଙ୍କ ଅଧକ୍ଷତାରେ ଗଠିତ ମାଧ୍ୟମିକ ଶିକ୍ଷା ପରିଷଦ (୧୯୫୨), ଡ. ଦୌଲତ ସିଂହ କୋଠାରିଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଶିକ୍ଷା ଆୟୋଗ (୧୯୬୪-୬୬), ୧୯୬୮ ଓ ୧୯୮୬ର ପ୍ରଥମ ଓ ଦ୍ୱିତୀୟ ଜାତୀୟ ଶିକ୍ଷାନୀତି ତଥା ବିଭିନ୍ନ ସମୟରେ ଗଠିତ/ପ୍ରଣୀତ କମିଟି, କମିଶନ ଓ ଶିକ୍ଷାନୀତି ମଧ ଏହି ଦୁଇ ପ୍ରମୁଖ ସମସ୍ୟା ସମ୍ବନ୍ଧରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ମତବ୍ୟକ୍ତ କରିବା ସହ ସମସ୍ୟା ଦ୍ୱୟର ସମାଧାନ କରିବା ପାଇଁ ଅନେକ ସୁପାରିସ କରିଛନ୍ତି। ଏଥିପାଇଁ ସରକାରୀ ସ୍ତରରେ ମଧ ଅନେକ ପଦକ୍ଷେପ ନିଆଯାଇଛି। ୧୯୮୮ର କଳାପଟା ଅଭିଯାନ, ୧୯୯୨ର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ୧୯୯୨-୯୩ର ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ, ୨୦୦୦-୨୦୦୧ର ସର୍ବଶିକ୍ଷା ଅଭିଯାନ, ଅଭିନବ ଓ ବିକଳ୍ପ ଶିକ୍ଷା ବ୍ୟବସ୍ଥା, ନିଶ୍ଚିତ ଶିକ୍ଷା ଯୋଜନା, ଆନନ୍ଦମୟ ଶିକ୍ଷାଦାନ, ଦଣ୍ଡମୁକ୍ତ ଅଞ୍ଚଳ ବିଦ୍ୟାଳୟ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ, ଆଜିର ସମଗ୍ର ଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ, ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ସାମଗ୍ରୀ, ସାଇକେଲ୍, ବିଦ୍ୟାଳୟ ଗଣବେଶ (ୟୁନିଫର୍ମ) ବଣ୍ଟନ ଇତ୍ୟାଦି ପ୍ରତ୍ୟକ୍ଷ ବା ପରୋକ୍ଷରେ ପାଠଛଡ଼ା(ଡ୍ରପ୍‌ଆଉଟ୍) ରୋକିବା ପାଇଁ ବିଭିନ୍ନ ପ୍ରୟାସ ଓ ପ୍ରଯତ୍ନ କହିଲେ ଅତ୍ୟୁକ୍ତି ହେବ ନାହିଁ। ସରଳ ଭାବରେ ଡ୍ରପ୍‌ଆଉଟ୍ ବା ପାଠଛଡ଼ା କହିଲେ ଏକ ନିର୍ଦ୍ଦିଷ୍ଟ ସ୍ତରରେ ପାଠପଢ଼ା ସମାପ୍ତି ପୂର୍ବରୁ ଶିକ୍ଷାନୁଷ୍ଠାନ ନିୟମିତ ଅନୁପସ୍ଥିତିକୁ ବୁଝାଏ। ଉଦାହରଣ ସ୍ୱରୂପ, ପ୍ରାରମ୍ଭିକ ଶିକ୍ଷା ନିମନ୍ତେ ନାମ ଲେଖାଇଥିବା ପିଲାଟି ଯଦି ଅଷ୍ଟମ ଶ୍ରେଣୀ ଶିକ୍ଷା ସମାପ୍ତି ପୂର୍ବରୁ କୌଣସି କାରଣ ହେତୁ ବିଦ୍ୟାଳୟ ଯିବା ଛାଡ଼ି ଦିଏ, ତାହାକୁ 'ଡ୍ରପ୍‌ଆଉଟ୍' କୁହାଯାଏ। ଅର୍ଥାତ୍ ପିଲାଟି ଶିକ୍ଷାବ୍ୟବସ୍ଥାରୁ ଅଲଗା ହୋଇଗଲା ବା ତା'ର ପାଠପଢ଼ାରେ ଡୋର ବନ୍ଧା ହୋଇଗଲା। ଅପରପକ୍ଷରେ ଡିଟେନ୍‌ସନ୍ କହିଲେ ନିର୍ଦ୍ଦିଷ୍ଟ ଶ୍ରେଣୀରେ ଏକାଧିକ ବର୍ଷ ପଢ଼ିବା ବା ନିରୂପିତ ଅବଧି ମଧରେ ପାଠପଢ଼ା ସମ୍ପୂର୍ଣ୍ଣ କରି ନ ପାରି ବାରମ୍ବାର ଗୋଟିଏ ଶ୍ରେଣୀରେ ପଢ଼ିବାକୁ ବୁଝାଏ। ଉଦାହରଣ ସ୍ୱରୂପ ଯୁକ୍ତଦୁଇ ପାଠ୍ୟକ୍ରମର ସାଧାରଣ ଅବଧି ଦୁଇ ବର୍ଷ। ଯଦି ଜଣେ ଶିକ୍ଷାର୍ଥୀ ଏହାକୁ ସଫଳତାର ସହ ଉତ୍ତୀର୍ଣ୍ଣ ହେବାକୁ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ନିଏ, ତେବେ ତାହାକୁ ଡିଟେନ୍‌ସନ୍ କୁହାଯିବ। ବିଶେଷକରି ବିଦ୍ୟାଳୟସ୍ତରରେ କୌଣସି ଏକ ଶ୍ରେଣୀରେ ଏକାଧିକ ବର୍ଷ ପଢ଼ିବାକୁ ବର୍ଣ୍ଣନା କରିବା ପାଇଁ ଏହି ଶବ୍ଦର ପ୍ରୟୋଗ କରାଯାଇଥାଏ। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସରକାରୀ ଭାବରେ ଡ୍ରପ୍‌ଆଉଟ୍ ଓ ଡିଟେନସନ୍ ସଂଖ୍ୟା ଅତି ନଗଣ୍ୟ, ଯଦିଓ ବାସ୍ତବିକ ଚିତ୍ର କିଛିଟା ଅଲଗା ହୋଇପାରେ। ଅର୍ଥାତ୍ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଅନୁସାରେ ୬ରୁ ୧୪ ବର୍ଷର ପ୍ରତ୍ୟେକ ଶିଶୁ ଗୁଣାତ୍ମକ ପ୍ରାରମ୍ଭିକ ଶିକ୍ଷା (ଶ୍ରେଣୀ ପ୍ରଥମରୁ ଅଷ୍ଟମ) ପାଇବା ସେମାନଙ୍କର ମୌଳିକ ଅଧିକାର। ସେଥିପାଇଁ ନିୟମାନୁସାରେ ଏହିସ୍ତରର କୌଣସି ଶିଶୁକୁ ଫେଲ କରାଯାଇ ପାରିବ ନାହିଁ। ଏଥିପାଇଁ 'ନୋ ଡିଟେନସନ୍ ପଲିସି' ବା ଶତପ୍ରତିଶତ ଉତ୍ତୀର୍ଣ୍ଣ ନୀତି ରହିଛି। ତେଣୁ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଡିଟେନସନ୍‌ର ପ୍ରଶ୍ନ ଉଠୁନାହିଁ। ଅପରପକ୍ଷରେ, ସରକାରୀ କଟକଣା ଓ ଅନ୍ୟାନ୍ୟ ବ୍ୟାପକ ସୁବିଧା ସୃଷ୍ଟି କରି ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣିବା ଏବଂ ପ୍ରାରମ୍ଭିକ ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ ବିଦ୍ୟାଳୟ ଛାଡ଼ି ନ ଯିବା ପାଇଁ ଅନେକ ବ୍ୟବସ୍ଥା ଓ ସୁବିଧା ରହିଥିବାରୁ ଏହିସ୍ତରରେ ପାଠଛଡ଼ା ପରିସଂଖ୍ୟାନ ସରକାରୀ ଆକଳନ ଅନୁସାରେ ବହୁତ କମ୍। କିନ୍ତୁ ଏହାର ପ୍ରଭାବ ମାଧ୍ୟମିକ ଶିକ୍ଷାସ୍ତରରେ ବ୍ୟାପକ ଓ ଚିନ୍ତାଜନକ। ଏ ଲେଖକ ମାଧ୍ୟମିକ ଶିକ୍ଷାସ୍ତରରେ ପାଠଛଡ଼ା ଓ ଫେଲ୍ ହେବା ବିଷୟବସ୍ତୁ ଉପରେ ଗବେଷଣାତ୍ମକ ସନ୍ଦର୍ଭ ପ୍ରସ୍ତୁତ କରିଛି। ଗବେଷଣା ଅନୁସାରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ଥିବା ଶହେ ଜଣ ପିଲା ମଧ୍ୟରୁ ପ୍ରାୟ ବାଉନ ଜଣ ଶିଶୁ ଦଶମ ଶ୍ରେଣୀରେ ପହଞ୍ଚିବା ବେଳକୁ ବିଭିନ୍ନ ଶ୍ରେଣୀରେ ଡିଟେନ୍‌ସନ୍ ହେଉଛନ୍ତି ଓ ପ୍ରାୟ ଦଶ ପ୍ରତିଶତରୁ ଅଧିକ ପିଲା ପାଠ ଛାଡ଼ି ଦେଉଛନ୍ତି। ଅବଶ୍ୟ ଏ ଗବେଷଣା ଅବିଭକ୍ତ କୋରାପୁଟ ଜିଲ୍ଲା ପାଇଁ ଉଦ୍ଦିଷ୍ଟ ଥିଲା, କିନ୍ତୁ ଏ ବିକଳ ଚିତ୍ର ରାଜ୍ୟର ଅନ୍ୟ ଅଞ୍ଚଳରେ ମଧ ଊଣାଅଧିକେ ସମାନ ଥାଇପାରେ। ସଦ୍ୟ ପ୍ରକାଶିତ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ମାଧ୍ୟମିକ ସ୍ତରରେ ଓଡ଼ିଶାରେ ପାଠଛଡ଼ା ହାର ପ୍ରାୟ ୨୭ ପ୍ରତିଶତ। ତାହା ପୁଣି ସାରା ଦେଶରେ ପ୍ରଥମ।

## ଷଷ୍ଠୀ ଓଷା ଓ ସୋମନାଥ ବ୍ରତ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଷଷ୍ଠୀ ଓଷା କରାଯାଏ। ଏହାକୁ ଷଠୀ ବୁଢ଼ି ବା ଷଠି ଠାକୁରାଣୀ ଦେବୀ ପୂଜା ବୋଲି ମଧ କୁହାଯାଏ। ଏହି ପର୍ବରେ ଠାକୁରାଣୀ ସହ ଘରର ପିଲାମାନଙ୍କୁ ବନ୍ଦାପନା କରାଯିବାର ମଧ ବିଧି ପ୍ରଚଳିତ ରହିଛି। ଷଷ୍ଠୀ ଦେବୀ ଶିଶୁମାନଙ୍କ ସୁରକ୍ଷା କବଚ ସାଜି ସେମାନଙ୍କୁ ସୁରକ୍ଷା କରିଥାନ୍ତି। ଏହି ମନୋସ୍କାମନା ଏବଂ ବିଶ୍ୱାସ ନେଇ ଷଷ୍ଠୀ ଠାକୁରାଣୀ ପୂଜା କରାଯାଇଥାଏ। ଷଷ୍ଠୀ ଦେବୀଙ୍କ ସନ୍ତୁଷ୍ଟକରିବା ଲାଗି କାନ୍ଥରେ ଷଠୀ ଘର ଅଙ୍କା ଯାଇଥାଏ। ସନ୍ତାନମାନଙ୍କ ଦୀର୍ଘ ତଥା ନିରାମୟ ଜୀବନ କାମନା କରି ଷଠୀ ବ୍ରତ କରାଯାଏ। ଗହ୍ମାବେଦୀ ମାଟି ଓ ହଳଦୀରେ ବାରଟି ମୂର୍ତ୍ତି ଗଢ଼ି ସେଥିରେ ହଳଦିଆ ବସ୍ତ୍ର ପିନ୍ଧାଯାଇ ଫୁଲ, ଚନ୍ଦନ, ଧୂପ, ଦୀପ ଆଦି ଦେଇ ବନ୍ଦା ଯାଇଥାଏ। ଏଥିରେ ବିଭିନ୍ନ ପ୍ରକାରର ଭୋଗ ମଧ ଲଗାଯାଇଥାଏ। ଠାକୁରାଣୀଙ୍କ ସମ୍ମୁଖରେ ଭୋଗ ଲଗାଯାଇ ପୂଜା କରାଯାଇଥାଏ। ପୂଜା ପରେ ଭୋଗ ପିଲାମାନଙ୍କୁ ଖାଇବାକୁ ଦିଆଯାଇଥାଏ। ଏହାପରେ ଷଠୀ ବାଡ଼ିରେ ସନ୍ତାନମାନଙ୍କୁ ପିଟାଯାଇଥାଏ। ଏହାଦ୍ୱାରା ପିଲାମାନେ ଦୀର୍ଘାୟୁ ହୋଇଥାଆନ୍ତି ବୋଲି ବିଶ୍ୱାସ ରହିଛି।

ସେହିପରି ଭାଦ୍ରବ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥି ଠାରୁ ଆଶ୍ୱୀନ ଶୁକ୍ଳ ଦଶମୀ ମଧ୍ୟରେ ସୋମନାଥ ବ୍ରତ ପାଳନ କରାଯାଇଥାଏ। ଏହି ବ୍ରତରେ ଦେବ ଦେବ ମହାଦେବଙ୍କୁ ପୂଜା କରାଯାଇଥାଏ। ମହାଦେବଙ୍କ କୃପାରୁ ବ୍ରତଧାରୀ ଧନଧାନ୍ୟ, ସୁଖଶାନ୍ତି, ଐଶ୍ୱର୍ଯ୍ୟ ଲାଭ କରିଥାଏ। ଏହି ବ୍ରତ ସମ୍ପର୍କରେ ସ୍କନ୍ଧ ପୁରାଣରେ ବର୍ଣ୍ଣନା ରହିଛି। ଭଗବାନ ଶିବ ଦେବୀ ପାର୍ବତୀଙ୍କୁ ଏହି ବ୍ରତ ସମ୍ପର୍କରେ କହିଛନ୍ତି ବେଦବ୍ୟାସୀ ନାମକ ଜଣେ ବ୍ରାହ୍ମଣ ଦ୍ୱାରା ମର୍ତ୍ତ୍ୟଲୋକରେ ଏହି ବ୍ରତ ଆରମ୍ଭ ହୋଇଥିଲା। ବେଦବ୍ୟାସୀ ପୂର୍ବ ଜନ୍ମରେ ଜଣେ ଶିବ ଭକ୍ତ ଥିଲା। ମାତ୍ର ଏ ଜନ୍ମରେ ସେ ଦରିଦ୍ର ହୋଇ ଜନ୍ମ ହୋଇଥିଲା। ଥରେ ସେ ଭଗବାନ ସୋମନାଥଙ୍କ ଦର୍ଶନ ନିମନ୍ତେ ଘରୁ ବାହାରିଥିଲା। କ୍ଷୁଧା, ତୃଷ୍ଣାରେ ଅତି କଷ୍ଟ ସହି ଦୁର୍ଗମ ପଥ ଅତିକ୍ରମ କରି ସେ ସୋମନାଥ ଭଗବାନଙ୍କ ଦର୍ଶନ ଲାଭ କରିବାରେ ସୌଭାଗ୍ୟ ପ୍ରାପ୍ତି କରିଥିଲା। ଏହି ପୁଣ୍ୟ ବଳରେ ସେ ରାଜା ହେବାର ସୌଭାଗ୍ୟ ଲାଭ କରିଥିଲା। ଭଗବାନ ସୋମନାଥ ତାକୁ ଦର୍ଶନ ଦେବା ସହ ତା ଦ୍ୱାରା ମର୍ତ୍ତ୍ୟରେ ସୋମନାଥ ବ୍ରତର ମହିମା ପ୍ରସାର କରାଇଥିଲେ। ଏହି ବ୍ରତରେ ମହାଦେବଙ୍କୁ ଦଶ ପ୍ରକାର ଫୁଲ, ଦଶ ପ୍ରକାର ଫଳ ଆଦି ମହାଦେବଙ୍କୁ ଅର୍ପଣ କରି ପୂଜା କରିବାର ବିଧି ରହିଛି। ଭାଦ୍ରବ ମାସ ଶୁକ୍ଳ ଷଷ୍ଠୀରେ ପ୍ରଥମେ ବ୍ରତ ଧାରଣ କରି ବିଧି ମୁତାବକ ଶିବ ପୂଜା କରାଯାଇଥାଏ। ଏହି ଦିନରେ ଶିବଙ୍କୁ ସୁବର୍ଣ୍ଣ, ରୌପ୍ୟ, ସ୍ଫଟିକ କିମ୍ବା ପିତଳ ଆଦି ଧାତୁରେ ନିର୍ମିତ ଶିବ ପ୍ରତିମା ପ୍ରତିଷ୍ଠାକରି ପୂଜା କଲେ ଉତ୍ତମ ଫଳ ଲାଭ ହୋଇଥାଏ। ଏହାପରେ ଆଶ୍ୱୀନ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ବ୍ରତଧାରୀମାନେ



ସାତ୍ତ୍ୱିକ ଜୀବନଯାପନ ପୂର୍ବକ ଶିବ ଆରାଧନା କଲେ ସମ୍ପୂର୍ଣ୍ଣ ସୋମନାଥ ବ୍ରତର ପୁଣ୍ୟ ଲାଭ କରିଥାନ୍ତି। ଓଡ଼ିଆ ଜନଜୀବନରେ ସୋମନାଥ ବ୍ରତର ଆଧାତ୍ମିକ ତାତ୍ପର୍ଯ୍ୟତା ଯୁଗେ ଯୁଗେ ସ୍ମରଣୀୟ ହୋଇ ରହିବ। ଆଜିକାଲି ସୋମନାଥ ବ୍ରତ ପ୍ରାୟତଃ ଶୈବକ୍ଷେତ୍ରରେ ଅନୁଷ୍ଠିତ ହେଉଛି। ଏହି ଦିବସଯିକୁ ଶ୍ରଦ୍ଧାଳୁମାନେ ଅତ୍ୟନ୍ତ ଆଧାତ୍ମିକ ଭାବଧାରର ବିଚାର ଓ ଚିନ୍ତନ ସହ ପାଳନ କରିଥାନ୍ତି। କେହି କେହି ବେଲପତ୍ର ସମର୍ପଣ ସହ କେହି କେହି ନାରାୟଣ ସେବାର ଆୟୋଜନ କରିଥାନ୍ତି। ଏହି ଦିନ ଭୋଳାଶଙ୍କର ହର ହର ମହାଦେବଙ୍କୁ ପୂଜା କଲେ ସେ ସମସ୍ତଙ୍କର ଇପ୍‌ସିତ ସଂକଳ୍ପକୁ ଗ୍ରହଣ କରିଥାନ୍ତି ବୋଲି ଲୋକ ବିଶ୍ୱାସ ରହିଛି। ତାହାଭିତରୁ ଏହି ବ୍ରତର ମାହାତ୍ମ୍ୟ ଶୀର୍ଷକ ପୁସ୍ତକଟି ଅନ୍ୟତମ। ଭଗବାନ ଆମ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ କାମନା।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ,
ମୋ: ୯୪୩୭୦୩୧୨୫୩


## ସଦ୍‌ଗୁରୁଙ୍କ ଦୀକ୍ଷା ଗ୍ରହଣ

### ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର



ମଣିଷ ଇଷ୍ଟପ୍ରାଣ ହେଲେ ତା'ର ଚଳନ-ଚରିତ୍ର ସୁନିୟନ୍ତ୍ରିତ ହୁଏ, ତାର ବୁଦ୍ଧିବୃତ୍ତି, ଦକ୍ଷତା, ଯୋଗ୍ୟତା, ସେବାବୁଦ୍ଧି, କର୍ମକ୍ଷମତା ପୁଷ୍ଟ ହୋଇଉଠେ। ଏତେକରେ ସେ ଲୋକର ପ୍ରୟୋଜନପୂରଣୀ ସ୍ୱଭାବ ସମ୍ପନ୍ନ ହୋଇଉଠେ, ସେଥିରେ ତା'ର ଅର୍ଥନୈତିକ ସମସ୍ୟାର ସମାଧାନ ହେବା ହିଁ ତ ଉଚିତ। ତା'ଛଡ଼ା ମଣିଷ ହିଁ ମଣିଷର ସବୁଠାରୁ ବଡ଼ ସମ୍ପଦ, ସେ ଦିଗକୁ ଯାଜନ ମୁଖର, ସେବାପ୍ରାଣ, ଇଷ୍ଟାନୁରାଗୀ ଯେ, ଯା'ର ଚଳନା ସୁସମଞ୍ଜସ, ବ୍ୟବହାର ହୃଦ୍ୟ ଓ ମନୋଜ୍ଞ, ତା'ର ଲୋକ-ସମ୍ପଦ ତ ବଢ଼ିଯିବା ହିଁ ସ୍ୱାଭାବିକ। ତା'ର ଦରିଦ୍ର ରହିବାର ତ କାରଣ ଖୋଜି ପାଇ ହୁଏନା। କାରଣ, ଅର୍ଥନୈତିକ ଉନ୍ନତିର ବୁନିୟାଦ ଯେ ଦକ୍ଷତା, ଯୋଗ୍ୟତା, କ୍ଷୀପ୍ରତା, ଚରିତ୍ର, ନିରଳସ-ସେବାବୁଦ୍ଧି, ସୁସଙ୍ଗତ ଚଳନ ତା'ର କୌଣସିଟାର ହିଁ ଅଭାବ ରହେନା ସେଥିରେ। ଅବଶ୍ୟ ସେମାନେ ହୁଏତ ପ୍ରୟୋଜନାତିରିକ୍ତ କନଜ୍ୟୁମ (ବ୍ୟବହାର) ନ ବି କରିପାରନ୍ତି। ତେବେ ଅର୍ଥ ପ୍ରତି ତା'ର ଲୋଭ ନଥିବାରୁ ଅର୍ଥକରୀ ପ୍ରୟାସ ଦିଗରେ ଝୁଙ୍କ ଦେଲା, ଯା'ର ଫଳ ନଗଦାନଗଦି ପାଇବାର ନୁହେଁ, ଅଥଚ ସେଇଟା କି ନା ଭବିଷ୍ୟତରେ ଦିନେ ହୁଏତ ପରିବେଶ ସୁଦ୍ଧା ତାକୁ ପ୍ରଭୂତ ସମୃଦ୍ଧ କରି ତୋଳିବ। ଏପରିବି ହୁଏତ ହୋଇପାରେ ଯେ, ତା'ର ଫଳ ସେ ନିଜ ଜୀବନରେ ପାଇଲାନି, ଉପକୃତ ହେଲେ ଭବିଷ୍ୟତ ବଂଶଧରଗଣ। ଏ ଅବସ୍ଥାରେ ତାକୁ କ'ଣ କହିବାକୁ ହେବ ଯେ ସେ ଅର୍ଥନୈତିକ ଜୀବନରେ ଅକୃତକାର୍ଯ୍ୟ ହେଲା ?

ବିପୁଳ ସୃଷ୍ଟିର, ବୃହତ୍ ସଂଗଠନର ଦାୟ ଓ ଦାୟିତ୍ୱ ଯେଉଁମାନେ ବହନ କରନ୍ତି, ଅନେକ ଦୁଃଖର ନିଆଁରେ ପୋଡ଼ିଯାଇ, ଅନେକଙ୍କ ପାଇଁ ପ୍ରାୟଶ୍ଚିତ କରି, ଅନେକଙ୍କ କ୍ଷମତାର ବିପଦ ବହନ କରି ସେମାନଙ୍କୁ ଆଗେଇବାକୁ ହୁଏ। ସେମାନଙ୍କର ପୁରା ଗତି ଓ ପରିଣତିଟା ଲକ୍ଷ୍ୟ ନକରି ମଝିର କୌଣସି ଗୋଟେ ଅବସ୍ଥାକୁ ଦେଖି ଗୋଟେ ରାୟ ଦେବା ସବୁବେଳେ ବୁଦ୍ଧିମାନର କାମ ନୁହେଁ। ଆଜି ଆମ ମାନଙ୍କର ଋତ୍ୱିକମାନଙ୍କୁ ଯେଉଁ ମାନଙ୍କୁ ହୁଏତ ଦେଖୁଛ - କେତେ ଅର୍ଥନୈତିକ କୃଚ୍ଛତା, ସେମାନଙ୍କର ନିରଳସ ସେବା ଫଳରେ ହୁଏତ ଦେଖିବ ଦିନେ ସମଗ୍ର ଜାତି କେତେ ଦୂର ସମୃଦ୍ଧ ହୋଇ ଉଠିଛି - ଯେ ଏମାନେ କିଛି ହିଁ ପାଇଲେନି, କିଛି ହିଁ କରିଲେନି ? ବ୍ୟକ୍ତିଗତ ଭାବେ ଦୁଇଚାରି ଜଣଙ୍କ ସମ୍ବନ୍ଧରେ ସେ କଥା ଖଟାଇଲେ ବି, ଏମାନଙ୍କ ମଧ୍ୟରୁ ବେଶୀ ଭାଗ ସମ୍ବନ୍ଧରେ ସେ କଥା ଖାଟେନା। ମୁଁ କହିବି, ଗୋଟେ ମରଣୋନ୍ମୁଖ ଜାତିକୁ ବଞ୍ଚାଇବା ପାଇଁ ମଣିଷ କରିବା ପାଇଁ ଏମାନେ ପ୍ରତ୍ୟେକ ଯଦି ଲକ୍ଷେ କଷ୍ଟଦାରିଦ୍ର୍ୟ ବରଣ କରି ନିଅନ୍ତି କି, ତାହା ହିଁ ସେମାନଙ୍କର ପରମ ଐଶ୍ୱର୍ଯ୍ୟ। ଆଉ ଏମାନେ ଯଦି ମଣିଷ ପଛରେ (ଆନ୍ତରିକ ଭାବେ) ଖଟନ୍ତି, ତେବେ ଏମାନଙ୍କର ଦୁଃଖ ଘୁଞ୍ଚିବାକୁ ଡେରି ଲାଗିବନି - ଏମାନେ ତା' ଚାହାନ୍ତୁ ବା ଚାହାନ୍ତୁ। ମଣିଷର ଐଶ୍ୱର୍ଯ୍ୟର ଗୋଟେ କଣାବି ସେମାନଙ୍କୁ ପ୍ରଚୁର କରି ହେବ। ତେବେ ମଣିଷ ଯଦି ମୁହେଁ ମୁହେଁ ଇଷ୍ଟପ୍ରାଣ ହୁଏ, ଅଥଚ ବାସ୍ତବରେ ସେପରି ନହୁଏ, ତା'ହେଲେ ବି ସେ ଅର୍ଥନୈତିକ ଜୀବନରେ କୃତୀ ହେବନି, ଏକଥା କହିପାରେନା। ପୁଣି ଚୋରା କାରବାର କରି ବା ଫାଙ୍କିବାଜିର ଭିତର ଦେଇ କେହି ଯଦି ବେଶ ଦୁଇପଇସା କମାଏ ତା'ହେଲେ ହିଁ ଯେ ସେ ଖୁବ ଗୋଟେ ଯୋଗ୍ୟ ହୋଇଉଠିଲା, ଏକଥା ବି ମୁଁ କହିବାକୁ ଚାହେଁନା। ମୋର କଥା ହେଲା, ମଣିଷର ଇଷ୍ଟପ୍ରାଣତା ସଙ୍ଗେ ଜଡ଼ିତ ଅଛି ତା'ର ସୁନିୟନ୍ତ୍ରିତ ଯୋଗ୍ୟତା ଏବଂ ଏହା ସଙ୍ଗେ ଜଡ଼ିତ ଅଛି ତା'ର ଅର୍ଥନୈତିକ ଅବସ୍ଥା। (ଆଲୋଚନା - ପ୍ରସଙ୍ଗ, ୧ମ ଖଣ୍ଡ ତା୦୭/୧୨/୪୧)

ଗୁରୁଙ୍କଠାରୁ ଜ୍ଞାନ ଲାଭ କରିବାକୁ ହେଲେ ତାଙ୍କ ପ୍ରତି ଶ୍ରଦ୍ଧାନ୍ୱିତ ହେବା ଦରକାର। ଜ୍ଞାନ ଠାରୁ ପବିତ୍ର ଜିନିଷ ଆଉ କିଛି ନାହିଁ ଏବଂ ଶ୍ରଦ୍ଧା ବିନା ଜ୍ଞାନଲାଭ ହୋଇପାରେ ନାହିଁ। ଗୀତାରେ କୁହାଯାଇଛି - 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ତତ୍ପରୋ ସଂଯତେନ୍ଦ୍ରିୟଃ। ଜ୍ଞାନଂ ଲବ୍ଧା ପରାଂ ଶାନ୍ତିମଚିରେଣାଧିଗଚ୍ଛତି।' ସୁତରାଂ ସୁଖ ପଛରେ ନ ଗୋଡ଼ାଇ ମଣିଷକୁ ସଦଗୁରୁଙ୍କ ଦୀକ୍ଷା ଗ୍ରହଣ କରି ତନ୍ନିଷ୍ଠ ଚଳନରେ ଚାଲିବାକୁ ହେବ। ତା'ହେଲେ ଯାଇ ଜ୍ଞାନ, ଅର୍ଥ, ଧର୍ମ, ସୁଖ, ଶାନ୍ତି, ଆନନ୍ଦ ସବୁକିଛି ଲାଭ ହୋଇପାରିବ।


ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭


## ଆମ ଦେଶରେ ଥିବା ୧୮୫ ଜଣ ଅତି ଧନୀ ପରିବାରର ଆୟ ଶତକଡ଼ା ୩୩ ଭାଗ

### ସୁବ୍ରତ କର



ଆଉ ଯେଉଁ ରହିଲା ୬୫ ଭାଗ ଆୟ ଆମ ସମସ୍ତଙ୍କର । ମୁଁ, ଆପଣ ଭଳି ୧୪୫ କୋଟି ଲୋକଙ୍କର ଆୟକୁ ମିଶାଇଲେ ୧୦୦ ଭାଗରୁ ୬୫ ଭାଗ । ଏହି କଥା ମୁଁ କହୁନାହିଁ, ଏହା ଫର୍ଚୁନ ଇଣ୍ଡିଆ ପକ୍ଷରୁ ପ୍ରକାଶ କରାହୋଇଛି । ଭାରତର ଅତି ଧନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୧ଲକ୍ଷ କୋଟି ଡଲାର (୯୯.୮୬ଲକ୍ଷ କୋଟି ଟଙ୍କା) ଶହ କୋଟି ଡଲାରରୁ ଅଧିକ ସମ୍ପତ୍ତି ଥିବା ୧୮୫ ଜଣ ଭାରତୀୟ ଏହି ତାଲିକାରେ ସାମିଲ ହୋଇଛନ୍ତି। ଏମାନଙ୍କ ପାଖରେ ଭାରତର ସକଳ ଘରୋଇ ଉତ୍ପାଦ (ଜିଡିପି)ର ୩୩.୮ଶତାଂଶ । ୨୦୨୪ ରାଙ୍କିଂ ଅନୁଯାୟୀ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତି ଥିବା ଭାରତୀୟଙ୍କ ମୋଟ ସମ୍ପତ୍ତି ୫୦ ଭାଗରୁ ଅଧିକ ବଢ଼ିଛି ୨୦୨୨ ହିସାବ ଅନୁଯାୟୀ । ୨୦୨୨ ମସିହାରେ ଏହା ଥିଲା ୮୩ ହଜାର ୨୦୦ ଶହ କୋଟି ଡଲାର । ସେତେବେଳେ ଭାରତରେ ୧୪୨ ଜଣ ଅତିଧନୀ ବ୍ୟକ୍ତି ଥିଲେ । ଏହି ଅତି ଧନୀ ତାଲିକାରେ ୨୯ ଜଣ ନୂତନ ଭାବେ ଯୋଡ଼ି ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦.୫ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ଥିବା ରିଲାଏନ୍ସ ଇଣ୍ଡିଷ୍ଟ୍ରିର ଅଧକ୍ଷ ମୁକେଶ ଅମ୍ବାନୀ ତାଲିକାରେ ଶୀର୍ଷରେ । ତାଙ୍କ ପଛରେ ୧୦.୪ ଲକ୍ଷ କୋଟି ଟଙ୍କା ସହିତ ଦ୍ୱିତୀୟରେ ଅଛନ୍ତି ଅଦାନୀ ଗ୍ରୁପର ମୁଖ୍ୟ ଗୌତମ ଆଦାନୀ । ଏମାନଙ୍କ ପଛରେ ମିସ୍ତ୍ରୀ ପରିବାର, ଶିବ ନାନାର, ରାଧାକ୍ରିଷ୍ଣ ଦମାନୀ, ସୁନିଲ ମଇଲ ଏବଂ ଅଜିମ ପ୍ରେମଜୀ ପରିବାର । ଏକମାତ୍ର ମହିଳା ଅତିଧନୀ ପରିବାର ଭାବରେ ଆସୁଛନ୍ତି ସାବିତ୍ରୀ ଜିନ୍ଦଲଗ୍ରୁପର ଅଧକ୍ଷ । ତାଙ୍କର ଆୟ ୩ଲକ୍ଷ ୩ଶହ ୬ କୋଟି ଡଲାର ।

ଏବେ ପ୍ରଶ୍ନ ଉଠୁଛି ସତରେ କଣ ଆମ ଦେଶ ଏକ ଗରିବ ଦେଶ ? ଏଇଟା ନିଶ୍ଚିତ ରୋଜଗାରର କୌଣସି ତାରତମ୍ୟ ନାହିଁ । ଧିରେ ଧିରେ ଦେଖିବାକୁ ମିଳୁଛି ଧ୍ୱନି ଧ୍ୱନି ହେବାକୁ ଲାଗିଛନ୍ତି ଏବଂ ଗରିବ ଗରିବ ହେଉଛନ୍ତି । ହଜାର ହଜାର ଲୋକ ଦେଶରେ ଦୁଇ ଅଳି ଖାଇବାକୁ ପାଉ ନାହାନ୍ତି ଏବଂ ଗରିବ ଲୋକଙ୍କ ସବୁଠୁ ବଡ଼ ଚିନ୍ତ (ଦିନ ମଜୁରିଆ) କାଲି ସକାଳେ କାମ ମିଳିବ କି ନାହିଁ ଏବଂ କଣ ଖାଇବେ ? ସରକାର ୫ ଟଙ୍କକିଆ ଚାଉଳ ଏବଂ କିଛି ମାସକିଆ ଭତ୍ତା ଦେଇ ମାଗଣାରେ କେତେଦିନ ଚଳିବେ ? ଭୋଟ ପାଇଁ ଯେ ଯାହା ପାଇଲେ ଭୋଟ ଆଗରୁ କହି ଚାଲିଲେ ଏବଂ ଜିତିକି ଆସିଲା ପରେ ଆଉ ମୁଣ୍ଡ କାମ କରୁନାହିଁ । ଏପଟେ ଆମ୍ବାନି ପରିବାରର ଲୋକେ ଗଣେଶ ଠାକୁରଙ୍କୁ (ବମ୍ବେଠାରେ) ୨୦ କେଜି ଓଜନର ସୁନାର ମୁକୁଟ ପିନ୍ଧାଇଛନ୍ତି ଏବଂ ଯାହାର ମୂଲ୍ୟ ୧୫ କୋଟି ଟଙ୍କା । ଏହା ଅର୍ଥ କଣ ହୋଇପାରେ ? ଏ ସବୁକୁ ଲୋକେ କେତେଦିନ ଭଲ ଭାବରେ ଗ୍ରହଣ କରିବେ ମୋତେ ଜଣା ନାହିଁ । କିନ୍ତୁ ଦେଶ ଚଳାଉଥିବା ସରକାରଙ୍କ ଜାଣିବା ନିହାତି ଦରକାର ।




### ତୁମେ ପ୍ରଭୁ ଏକା ସାଥି

#### ଜୟନ୍ତ କୁମାର ମଲ୍ଲିକ୍



ଦୁଃଖହାରି ନିଅ ହରି
ସବୁ ଦୁଃଖ ମୋହର -

ତୁମେ ପ୍ରଭୁ ଏକା ସାଥି
ସବୁ ଲୁହ କୋହର,
ତୁମ ବିନା କିଏ ଅଛି
ସାହା ମତେ ହୋଇବ -

ଖୋଜିବା ଦରବ ଆଣି
ପାଖେ ମୋର ଥୋଇବ,
ବିପଦରେ ପଡ଼ିଥିଲେ
ଉଦ୍ଧାରିବ ଆସିକି -

ହରିନେବ ହସି ହସି
ମୋର ପାପ ରାଶିକି,
ତୁମକୁ ଭରସା କରି
ନେଉଛି ମୁଁ ଶରଣ -

ତୁମ ନାମ ତୁଣ୍ଡେ ଜପି
ହେଉ ମୋର ମରଣ।


ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭


### ଏକ ହାରିଯାଇଥିବା ହୃଦୟର କଥା

#### ଡ. ଦୀପକ କୁମାର ମିଶ୍ର



ହୃଦୟ ହେଉ କି ଦେଶ
ଅତିକ୍ରମଣ, ଆକ୍ରମଣ, ଲୁଣ୍ଠନ
ଏକ ସାଧାରଣ ବୈଶିଷ୍ଟ୍ୟ
ଇତିହାସର ନିଷ୍ଠୁର ପୃଷ୍ଠାରେ ।

ବାରବାର ଅତର୍କିତ ବର୍ବର ଆକ୍ରମଣ
କଠୋର କଳାପାହାଡ଼ର ହେଉ
କି କାଉଁରୀ କନକଲତାର
ଭାଙ୍ଗିଯାଇଥିବା ପଥର ଆଖିରୁ
ଅଦୃଶ୍ୟ ଅଶ୍ରୁ ଝରେ
ସମୟର ବିଡମ୍ବନାରେ ।

ଜୁଲିୟସ ସିଜର କହିଲେ
'ମୁଁ ଆସିଲି, ଦେଖିଲି, ଜୟ କଲି '
ସ୍ଥଳବିଶେଷରେ ସତ ମନେହୁଏ
ଅଧିକୃତ ପ୍ରେମର ଓଦା ପଡ଼ିଆରେ ।

ଯେଉଁ ପ୍ରେମରେ ଯୁଦ୍ଧ ହୁଏ
ସେଥିରେ ଇତିହାସ ତ ଲେଖାହୁଏ
କିନ୍ତୁ ଆହତ ଅବଲୋକନରେ
ନା ଆଦୃତ ହୁଏ ନା ଆଶ୍ରିତ ।

ଗୋଲାପ ହେଉ କି ଗୁଲମୋହର
ଗଳିତ ଶବର କି ଯାଏ ଆସେ ।


ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦


### ଅର୍ଥ ହିଁ ଅନର୍ଥର ମୂଳ କାରଣ

#### ଟିକେମଣି ବୁଧିଆ



ସର୍ବ କ୍ଷେତ୍ରରେ ଅର୍ଥର ହିଁ ମହକ
ସେ ପଥ ବି ଦେଖାଏ ଜୀବନର,
ଅର୍ଥ ଅଭାବିକୁ ଦେଖାଯାଏ
ନୟନ ଥାଇ ବି ଏଦୁନିଆ ଅନ୍ଧାର ।
ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ
କେବଳ ଅର୍ଥ ବଳରେ କବଳିତ,
ଅର୍ଥ ମୋହ ମାୟାରେ ଛନ୍ଦି ହୋଇ
ଚାଲେ ଭଲ କରିବାକୁ ନିଜ
ଭବିଷ୍ୟତ।
ଅର୍ଥ ଦ୍ୱାରା ପର ବି ଆପଣା ହୁଏ
ଆପଣା ବି ପର ହୋଇଯାଏ,
ଅର୍ଥ ମୋହ ମାୟାରେ ପଡ଼ି
ମଣିଷ ବି ଅମଣିଷ ପାଲଟିଯାଏ ।
ଅର୍ଥର ଆଶାରେ ପଡ଼ି ଆଜିର ମଣିଷ
ଦିନରାତି ଏକ କରି ରହେ ସର୍ବଦା
ବ୍ୟସ୍ତ,
ହେଲେ ଦିନ ସମୟ ସରିଯାଏ
ହୋଇ ପାରେନି ଇଚ୍ଛା ପୂର୍ଣ୍ଣ କି
ଆନନ୍ଦିତ।
ଧନୀ ଗର୍ବ କରେ ଆଜି ମୋଠାରୁ
କେହି ନାହିଁ
ଏ ସଂସାର ରେ ବୋଲି ଅର୍ଥ
ପାହାଡ଼ରେ ବସି,
ହେଲେ ଗରିବ ରକ୍ତକୁ ପାଣି କରିଦିଏ
ଅର୍ଥ ଲାଗି ପାଏନି ସେ କିଛି ଖୁସି ।
ଅର୍ଥର ମୋହ ମାୟାରେ
ଏପରି ଲିପ୍ତ ଯେ ଆଜିର ମଣିଷ,
ଅର୍ଥ ଅଭାବରୁ ଦୁଃଖ ଯନ୍ତ୍ରଣାରେ
ଜୀବନ କାଳର ସମୟ ବି ହୋଇଯାଏ
ଶେଷ ।
ଆଜି ସବୁକିଛି ଉର୍ଦ୍ଧରେ ରହି
ଅର୍ଥ କରେ ଦୁନିଆକୁ ଶାସନ,
ଅର୍ଥକୁ ଆଶ୍ରା କରି ବି
ଭାଙ୍ଗିଯାଏ ଦେଖିଥିବା
ଅନେକ ସପନ ।
ସମ୍ପର୍କ ସ୍ନେହ ଶ୍ରଦ୍ଧା ପ୍ରେମ ଭଲପାଇବା
ଅର୍ଥ ବଳରେ ହେବାକୁ ବସୁଛି ଲୁପ୍ତ,
ଅର୍ଥ ସର୍ବଦା କ କିତ ହୋଇ
ଜୀବନର ଚଳାପଥ ରେ କରୁଛି
ବ୍ୟାଘାତ ।

ଅର୍ଥମୟ ଦୁନିଆରେ ବାସ୍ତବିକ ଚିତ୍ର
ଆଜି ଅତି ଦୁଃଖ ଦାୟକ,
ଜୀବନର ଚଳାପଥ ଅନ୍ଧକାର ଆଜି
ଅର୍ଥ ଚିନ୍ତା ରେ ଆକ୍ରାନ୍ତ ହୋଇ
ମାନସିକ ।
ସବୁଥିରେ ଅର୍ଥ ହିଁ ଅନର୍ଥର ମୂଳ
କାରଣ
ଅର୍ଥ ଆଶା ଅପେକ୍ଷାରେ ବିତେ
ସାରା ଜୀବନ,
ହେଲେ ପ୍ରାପ୍ତ ହୁଏନି କେବେ ଭଲରେ
ସୁଖ କି ଆନନ୍ଦର ଅନୁଭବ ଜୀବନ ।


ରେଙ୍ଗସାପାଲି କଳାହାଣ୍ଡି
ମୋ:୭୭୪୯୦୦୯୦୬୧



# ବଧୂ ଅନିନ୍ଦିତା


ଜ୍ୟୋତ୍ସ୍ନା ମିଶ୍ର (ପାଣିଗ୍ରାହୀ)




ପ୍ରେମ ଏକ ସନ୍ଧାନ ନୁହେଁ,
ଏକ ସାଧନା....!!!!
ପ୍ରେମ ଏକ ସିଦ୍ଧି ନୁହେଁ,
କେବଳ କଠୋର ତପସ୍ୟା....!!!
ଏହା ଏକ ହିସାବ ନୁହେଁ,
ଏହା ଏକ ଅମୃତ ଅନୁଭବ. !!!

ପ୍ରତିପଦାର ଜହ୍ନ ବିଛେଇ ହେଇପଡିଛି ଆକାଶଟା ସାରା। ଆକାଶରୁ ଖସିପଡୁଛି ଟୋପାଟୋପା କାକର। ଦିକଡ଼ରେ ଥିବା ଧାନବିଲର ଧାନକେଣ୍ଡା ସବୁ କାକରଭିଜା ହେଇ ଚକଚକ୍ ଦିଶୁଥାନ୍ତି । ତାପରେ କିଛି ଚିନାବାଦାମ ଚାଷ ହେଇଥିବା ଜମି । ଆଉ ତାପରେ ଗୋଟେ ଛୋଟିଆ ଜଙ୍ଗଲ। ତାଳ, ତମାଳ, ଆମ୍ବ ଛୁରିଆନା ଭରା ସେଇ ଜଙ୍ଗଲଟା ପାର ହେଲେ ପଡେ ମାମୁଁଘର ଗାଁ ।

ମୋ ପିଲାଦିନର କାଶୀ, ମଥୁରା, ବୃନ୍ଦାବନ.., କେମିତି ସ୍କୁଲର ପରୀକ୍ଷା ସରିବ, ଆଉ ଆମେ ମାମୁଁଘର ଆସିବୁ, ସେଇ ଚିନ୍ତା ମୋର ସବୁବେଳେ ଥାଏ । ମାମୁଁଘର ସ୍ନେହ ଆଉ ଭଲପାଇବାର ମହମହ ମହକରେ ବାସ୍ନାୟିତ ଏକ ସଜଳ ସୁନ୍ଦର ପ୍ରୀତିଭରା ଚଉହଦୀ। ନୂଆମାଇଁଙ୍କର ଚୁଡ଼ି ରଣୁଝୁଣୁ ହାତ ସହ ପାଉଁଜିର ଛମଛମ୍ କରି ଆମସମସ୍ତଙ୍କୁ କୋଳେଇ ନେଇ ଅଗଣାରେ ପଡିଥିବା ଫିଁତାଖଟରେ ବସେଇ ଲେମ୍ବୁ ସରବତ୍ ପିଆଇଦେବାର ଦୃଶ୍ୟ ଅତୁଳନୀୟ..।

ଆଉ ତାପରେ....।

କେମିତି ରାତି ପାହିବ.....।

ଆଉ ମୁଁ ଯିବି ମାମୁଁଘର ସାମନାରେ ଥିବା ଟୁପୁରି ମାଉସୀଙ୍କର ଘରକୁ, ଏଇକଥା ଭାବିଭାବି ମତେ ନିଦ ହୁଏନି ।

ସେଇଠି ଥାଏ ଟୁପୁରି ମାଉସୀଙ୍କ ଶଙ୍ଖୀ ବିଲେଇ ଠୁକୁରୀ ଲିଟିଲୁ, ଟମି କୁକୁର, ଧଳା ବିଲାତି ମୂଷା ଓ ନେଉଳ। ଏମାନଙ୍କ ସହ ଖେଳିବାବେଳେ ନହନହକା ପତଳା, ନାକରୁ ଦୁଇପୁଡାରୁ ସିଂଘାଣୀ ବାହାରୁଥିବା ପିଲାଟି ଯେବେ ବାହାରିଆସେ, ମୁହଁ ବୁଲେଇଦିଏ ଜ୍ୟୋତି। ଛି, ... କି ଅପରିଷ୍କାର, ମନକୁମନ କହେ ସେ। ହେଲେ ଟୁପୁରି ମାଉସୀ ଭାରି ସ୍ନେହୀ । ଛାଡିବେନି ଜମା। ମୋ ସୁନ୍ଦରୀ ସୁନାନାକୀ ରଜାଝିଅ ଆଇଚିଲୋ, କହି ତାକୁ କୋଳେଇ ନେଇ କେତେ ଗେଲ କରନ୍ତି । ତାପରେ କେଉଁଠୁ, ସପେଟାଟେ ତ କେଉଁଠୁ ବଉଳକୋଳି, ଖଜୁରୀକୋଳି ସବୁ ଗୋଟେ ପରେ ଗୋଟେ ଦେଇ ଚାଲିଥିବେ। ସିଏ ଖାଇବା ପାଇଁ ପାଟି ପାଖକୁ ନେଲା ବେଳକୁ ଚଟ୍ କରି ସେ ଅପରଛନିଆଟା ତା ହାତରୁ ସବୁ କୋଳି ନେଇଛୁ ମାରେ । କାନ୍ଦିଉଠେ ସେ, ହେଲେ ମାଉସୀ ପୁଣି କୋଳି ତାକୁ ଦିଏ। ବେଳେବେଳେ ମାଉସୀଙ୍କ ଘରେ ସେ ରହିଯାଏ, ପଖାଳ ଶିରାମୁଡି ଶୁଖୁଆର ବେସର ଖାଇବା ଲୋଭରେ। ହେଲେ, ସେତେବେଳେ ବି ବାଦ କରିବାକୁ ପହଞ୍ଚି ଯାଏ ସେଇ ଅପରଛନିଆ ସୁକୁଟା ଖଣ୍ଡକ। ଯେତେ ଅପରଛନିଆ, ନାକ ସୁଡୁସୁଡୁ ହେଲେ ବି ଭଲ ପାଠ ପଢୁଥିଲା ଶୁକୁଟା ଖଣ୍ଡକ। ସବୁବେଳେ କ୍ଲାସ୍‌ରେ ଫାଷ୍ଟ ହେଉଥିଲା । ତାଙ୍କ ଗାଁ ସ୍କୁଲରେ ସେ ପ୍ରଥମ ପିଲା ଥିଲା, ଯିଏ ତୃତୀୟ, ପଞ୍ଚମରେ ସ୍କଲାରସିପ୍ ପରୀକ୍ଷାରେ ସାରା ଜିଲ୍ଲାରେ ପ୍ରଥମ ହେଇଥିଲା । ସପ୍ତମ ଶ୍ରେଣୀରେ ତ ଏନ୍.ଆର୍.ଟି.ଏସ୍ ସ୍କଲାରସିପ୍ ସିପ୍ ବି ପାଇଥିଲା ବୋଲି ଟୁପୁରି ମାଉସୀ ତା ବୋଉ ଆଗରେ ବାରମ୍ବାର କହିହୁଏ।

ତା ବୋଉ ବି କଉ କମ୍...!!!!

ସିଏ ବି ମୁଁ କେମିତି, ଡିବେଟ୍, ଫାନ୍ସିଡ୍ରେସ୍ , ଏସେ କମ୍ପିଟିସନ୍‌ରେ ଫାଷ୍ଟ ହୁଏ, ସେକଥା କହି ହୁଏ । ଆସ୍ତେଆସ୍ତେ ଉପରକୁ ଉପରଶ୍ରେଣୀ ବଢୁଥିଲା। ସେ ଆଉ ମାମୁଁଘରକୁ ଏତେ ଯାଇପାରୁନଥିଲା। ବେଳେବେଳେ ଖଜୁରୀକୋଳି କି ତାଳସଜ ଦେଖିଲେ ମନ ଭିତରେ ସେଇ ଶୁକୁଟାର ମୁହଁ ଖଣ୍ଡକ ଧସେଇ ପଶିଆସେ...., ହେଲେ ତା ଭଲ ନାଁଟା ବି କଣ ଯେ , ସେ ତ ଜାଣିନି। ଖଇରା କଲେଜରୁ ପ୍ଲସଟୁ ସାରି ସେ ସୋର କଲେଜ୍ ରେ ପ୍ଲସଥ୍ରୀରେ ଆଡମିସନ୍ ନେବାପାଇଁ ଆସିଥିଲା।

ଆଡମିସନ୍ ସାରି ବୁଲିପଡିଲା ବେଳକୁ ରାସ୍ତାଧାରରେ ଥିବା କୃଷ୍ଣଚୂଡା ଗଛ ଫାଙ୍କରୁ ପିଲାଟିଏ ତାକୁ ଏକଲୟରେ ଚାହିଁଥିବା ଦେଖି ସେ ଡରିଗଲା । କିଏ ଏ ବଦମାସ ଟା..., ସେ ଜୋର୍‌ଜୋର୍‌ରେ ପାଦ ପକେଇ ଚାଲି ଆସିଲା। ହେଲେ କଲେଜରେ ଥିଲାବେଳେ ସବୁବେଳେ ସେଇ ପିଲା ତା ଆଡେ ସେମିତି ନିର୍ନିମେଷ ନୟନରେ ଚାହିଁ ରହିଥାଏ । ବହୁତ ଅଡୁଆ ଲାଗେ ତାକୁ । ଦଶଦିନ ପରେ କଲେଜରେ ନୂଆ ପିଲାମାନଙ୍କୁ ୱେଲକମ୍ କରିବାର ଫଙ୍କସନ୍ ହେଲା । ବିଭିନ୍ନ ପ୍ରକାରର ଗେମ୍, ବ୍ରେନ୍ ଟିଜର୍ ,ମ୍ୟୁଜିକ୍‌ଚେୟାର ଆଦି ପରେ ଆସିଲା ତର୍କ ଖେଳ। ଇଏ କି ଖେଳ, ସେ ପଚାରିଲା ତା ପାଖରେ ବସିଥିବା ରେବତୀକୁ । ସେ କହିଲା, ଏଠି ଏବେ ଗୋଟେ ଟପିକ୍ ଦେବେ ।କିଛି ତାର ସପକ୍ଷରେ ଆଉ କିଛି ବିପକ୍ଷରେ କହିବେ। ସେତେବେଳେକୁ ସିନିୟର ଭାଇ ଜଣେ କହୁଛନ୍ତି, ଆଜିର ଟପିକ୍ ହେଉଛି 'ପ୍ରେମ'; କଲେଜ୍ ପ୍ରେମ କଣ ଅଢେଇଦିନର... , ଏହା ଉପରେ ଆପଣଙ୍କ ସୁଚିନ୍ତିତ ମତାମତକୁ ଦିଅନ୍ତୁ । ତାକୁ ଯେତେବେଳେ କହିବାକୁ ସିନିୟର ଭାଇ ଜଣକ କହିଲେ, ସେ ପ୍ରଥମେ ତ ହଡବଡେଇ ଗଲା । ତାପରେ କିନ୍ତୁ ନିଜକୁ ସମ୍ଭାଳି ନେଇ ସେ କଲେଜପ୍ରେମର ଔଚିତ୍ୟ ଉପରେ ପ୍ରଶ୍ନ ଉଠେଇଥିଲା । ବିଦ୍ୟାର ଏ ମନ୍ଦିରରେ ଆମେ ବିଦ୍ୟା ଅର୍ଜନ କରିବା ପାଇଁ ଆସିଛନ୍ତି। ପ୍ରେମ ପାଇଁ ନୁହେଁ । ଜୀବନ ଅୟମାରମ୍ଭରେ ଏସବୁରେ ମନ ନଦେଇ ନିଜର ନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ଆଗେଇଯିବା ହିଁ ଶ୍ରେୟ ବୋଲି ବି କହିଲା।

ଅନେକ ଉଦାହରଣ ଦେବା ଭିତରେ ଏଇ ଓଡ଼ିଶାର ଜଣେ ସ୍ୱନାମଧନ୍ୟ ମହିଳାଙ୍କ ଉଦାହରଣ ଦେଇ ସେ କହିଥିଲା, ଦେଶର ସର୍ବୋଚ୍ଚ ସ୍ତରର ଚାକିରି ପାଇସାରିଥିଲେ। ଯାହାଙ୍କୁ ନିଜ ଜୀବନସାଥୀ ଭାବରେ ମନ ଦିଆନିଆରେ ଠିକ୍ କରିଥିଲେ, ତାଙ୍କୁ ବିବାହ କରିବାର କିଛିଦିନ ଆଗରୁ ହିଁ ଆକ୍ସିଡେଣ୍ଟରେ ସେ ପଙ୍ଗୁ ହେଇଗଲେ। ବାସ୍, ପ୍ରେମ ଏଇଠି ସରିଲା । ସେ ଯୁବକ ମୁହଁ ବୁଲେଇ ଚାଲିଗଲେ, ଥରଟେ ବି ବୁଝିଲେନି କେମିତି ଏ ମହିଳା ଜୀବନ କଟେଇବେ । ତେଣୁ ପ୍ରେମ ଏକ ଅଯଥା ସମୟ ସହ ଭାବପ୍ରବଣତାର ଗଭୀର ଅପଚୟ । ଆଉ ଠିକ୍ ତା କହି ସରିବା ପରେ କହିବାକୁ ଉଠିଲା ସେଇ ଟକଟକି ଚାହିଁ ରହୁଥିବା ପିଲାଟି। ନା, ମୁଁ ସହମତ ନୁହେଁ, ଏ ମତ ସହ, ସେ ଗମ୍ଭୀର ଭାବରେ କହିଲା ।

ହିସାବ କରି କେହି ପ୍ରେମ କରେନା....।

ଚୁକ୍ତି କରି କେହି ପ୍ରେମରେ ପଡେନା ....।

ଗୋଟିଏ ଆତ୍ମାର ଅନ୍ୟ ଏକ ଆତ୍ମା ପ୍ରତି ନିଃସର୍ତ୍ତ ଆକର୍ଷଣ ହିଁ ପ୍ରେମ...।

ପ୍ରେମ ଏକ ହିସାବ ନୁହେଁ, ଏହା ଏକ ଅମୃତ ଅନୁଭବ। ହିସାବ କରି କରାଯାଉଥିବା ସମ୍ପର୍କ ସିନା ମିଶାଣ, ଫେଡାଣ, ହରଣଗୁଣନର ଫଳାଫଳରେ ଓଲଟପାଲଟ ହେଇଯାଏ, ହେଲେ ଆତ୍ମାର ଆହ୍ୱାନରେ ହୃଦୟର କାନଭାସ୍‌ରେ ଆବେଗର ତୂଳୀ ଅନୁରାଗରେ ପ୍ରେମର ଯେଉଁ ଜଳଛବି ଆଙ୍କିହୁଏ, ତାକୁ ସମୟ କେବେ ବି ମଳିନ କରିପାରେନାହିଁ ।

ପ୍ରେମ ଏମିତି ଏକ ରଙ୍ଗ, ଯାହାକୁ ଶ୍ରାବଣ ଧୋଇପାରେନା, ବୈଶାଖ ଶୁଖେଇ ପାରେନା..., ପ୍ରେମର ରଙ୍ଗ ସହଜରେ ଲାଗେନା, ଆଉ ଥରେ ଲାଗିଲେ ଜନ୍ମ ଜନ୍ମାନ୍ତର ଲିଭେନା....।

ପ୍ରେମ ଏକ ସନ୍ଧାନ ନୁହେଁ, ଏହା ଏକ ସାଧନା...।

ପ୍ରେମ ସିଦ୍ଧି ନୁହେଁ, ଏହା କଠୋର ତପସ୍ୟା....।

ଏହା କାହାକୁ ପଥଭ୍ରଷ୍ଟ କରେନି, ଏହା ଯୋଗସ୍ଥ କରେ...।

ପ୍ରେମ ଶାଶ୍ୱତ, ଚିରନ୍ତନ ଆଉ ସତ୍ୟ....।

ଘନ ଘନ କରତାଳିରେ ହଲ୍ କମ୍ପିଥିଲା ଆଉ ଥ୍ରୀ ଚିୟର୍ସ ଫର ଶେଖର କହି ସମସ୍ତେ ଠିଆ ହେଇପଡିଥିଲେ । ମୁହଁ ଶୁଖେଇ ଫେରୁଥିବାବେଳେ ହିଁ ଠିକ୍ ସେଇ କୃଷ୍ଣଚୂଡା ଗଛ ପାଖରେ ଅଟକିଗଲା ସେ । ସାମ୍ନାରେ ଠିଆ ହେଇଥିଲା ଶେଖର। ତାକୁ ଚାହିଁ ପଚାରିଲା, ରାଗିଲେ ନା କଣ ? ନା, ଏଥିରେ ରାଗିବାର କଣ ଅଛି। ଆପଣ ଭଲ କହିଲେ, ସେ କହିଲା । ହେଲେ ଆପଣ ତ ଏଥିରେ ସହମତ ନୁହନ୍ତି, ନୁହେଁ? ସେ ପ୍ରଶ୍ନ କଲା। ହଉ, ଛାଡନ୍ତୁ ସେ କଥା...., ଆପଣଙ୍କ ନାଁ କଣ କୁହନ୍ତୁ, କଉ ସବ୍‌ଜେକ୍ଟ, ହନର୍ସ ନେଇଛନ୍ତି ବି କୁହନ୍ତୁ ।

ମୁଁ ଶେଖର, କେମେଷ୍ଟ୍ରି ହନର୍ସ, ଶେଷବର୍ଷର।

ମୁଁ ଜ୍ୟୋତି, ଇତିହାସରେ ହନର୍ସ ରଖିଛି ।

ସେ ଚମକି ପଡିଲେ....,

ଜ୍ୟୋତି....। ନରହରିପୁର ଗାଁର ରଜନୀ ମାଉସୀଙ୍କ ଝିଅ ?

ମୁଁ ବି ଆଶ୍ଚର୍ଯ୍ୟ..... ମୋ ବୋଉ ନାଁ ଯାଙ୍କୁ କେମିତି ଜଣା ? ମୋ ବୋଉଠୁ ବହୁତ ଖଜୁରୀକୋଳି, ଆଚାର, ପଖାଳ ଖାଇଛୁ.... ଏବେ ଋଣ ଶୁଝିବା ବେଳ ଆସିଲା, ସେ ହସି ହସି କହିଲେ। ଆଶ୍ଚର୍ଯ୍ୟରେ ମୁଁ ଆଁ କରି ତାଙ୍କ ଆଡକୁ ଚାହିଁ ରହିଥିଲି । ସେଇ ଅପରଛନିଆ, ନାକ ସୁଡୁ ସୁଡୁ , ଶୁକୁଟା ଏବେ କଲେଜର ହିରୋ ନମ୍ବର ୱାନ୍, ମିଷ୍ଟର ଶେଖର ...! ଏମିତି ଯେ ମନ ଦେଇହୁଏ, ଜାଣିନଥିଲା ଜ୍ୟୋତି...! ସେମାନଙ୍କ କଥା ସମସ୍ତେ ଜାଣିସାରିଥିଲେ। ଘରେ ତ ସମସ୍ତେ ସେମାନଙ୍କ ବିବାହକୁ ନେଇ ଦିନ ସ୍ଥିର ବି କରିସାରିଥିଲେ। ଶେଖରର ବିଜିନେସ୍ ଭଲ ଚାଲିଥିଲା। ଖାଲି ଜ୍ୟୋତିର ପରୀକ୍ଷା ସରିବାକୁ ଅପେକ୍ଷା। ପରୀକ୍ଷା ସରିବା ପରେ ସେଇ ଜୁନରେ ବାହାଘର ହେବ ବୋଲି ଫାଇନାଲ କଥାବି ସରିଛି। ଅଧରାତି ଯାଏ ଶେଖର ସହ ବାହାଘର ପରେ କୁଆଡେ କୁଆଡେ ବୁଲି ଯିବାର ପ୍ଲାନ କରି ଶୋଇଲାବେଳକୁ ରାତି ଗୋଟେ। ଦିନ କେତେ ହେବଣି କେଜାଣି....? ବୋଉର ଡାକରେ ଧଡପଡ ହେଇ ଉଠିଲା ବେଳକୁ। ଇଏ କଣ? ବିଛଣାରୁ କଣ ଉଠି ହେଉନି! ଗୋଡକୁ କଣ ହଲେଇ ହଉନ! କିଛି କଥା ବି କହି ହେଉନି..., ବହୁତ ଜୋର୍‌ରେ ଚିତ୍କାର ସେ କରୁଥିଲା, ହେଲେ ତା ପାଟିରୁ ଶବ୍ଦଟେ ବି ବାହାରୁନଥିଲା। ସେ ଗଁ, ଗଁ ହେଉଥିଲା । ଡାକ୍ତର ଦେଖି କହିଲେ, ଅସାଧ ରୋଗ ହେଇଛି। ଏହାର ନାମ 'ଟ୍ରାନ୍ସଭର୍ସ ମାଇଲୋଟିସ୍'। ଗୋଡଠାରୁ ବେକ ପର୍ଯ୍ୟନ୍ତ ଅଚଳ ହେବା ସହ ରୋଗୀ ଏବେ କୋମାରେ, କହିଲେ ଡାକ୍ତର। ଏଭଳି ରୋଗରୁ ଆରୋଗ୍ୟ ହେବାର ଆଶା କ୍ଷୀଣ । ସ୍ୱପ୍ନ ସବୁ ଧୂଳିସାତ୍ ହେବାକୁ କେତେ ସମୟ ଲାଗେ....।

କାନ୍ଦୁଥିଲା ଶେଖର....।

ମନର ମାନସୀକୁ ଏଭଳି ସ୍ଥିତିରେ ଦେଖିବା ଭାରି କଷ୍ଟକର....ଏଣେ ଘରଲୋକଙ୍କ ବିରୋଧ । କଣ କରିବ ସେ! ଦୀର୍ଘ ତିନିବର୍ଷ ହେଇଗଲଣି ଏ ଭିତରେ! ସମସ୍ତେ ଆଶା ଛାଡି ଦେଇଥିଲେ ବି ଶେଖର ଆଶା ଛାଡି ନଥିଲା । ସବୁଦିନ ସେ ଜ୍ୟୋତି ପାଖରେ ବସି, ତା କାନପାଖରେ ଯାହାସବୁ ତା ମନକଥା ଗୋଟି ଗୋଟି ଗପେ । ଶେଷରେ 'ଗୁଡ୍‌ନାଇଟ୍, ମାଇଁ ସ୍ଲିପିଂ ବିୟୁଟି କହି ବିଦାୟ ନିଏ। ହେଲେ ସେଦିନ ସେ କିଛି ନକହି ଯିବାପାଇଁ ବାହାରି ପଡିଲାବେଳକୁ ହଠାତ ତା ହାତକୁ କିଏ ଧରିପକେଇଲା। ସେ ବୁଲି ପଡିଲାବେଳକୁ ଜ୍ୟୋତି ତା ହାତକୁ ଧରିଥିଲା । ସେ ଖୁସିରେ ଜ୍ୟୋତିକୁ କୁଣ୍ଢେଇ ପକାଇ ଘେରେ ନାଚି ଗଲା। ହୁଇଲ୍ ଚେୟାରରେ ବସି ଜ୍ୟୋତି ଏବେ ବାହାର ଦୁନିଆ ଦେଖିଲାଣି । ଶେଖରକୁ ସେ ବହୁତ ବୁଝେଇଲାଣି ...ତା ଭଳି ଜଣେ ଶାରୀରିକ ବିକଳାଙ୍ଗ ପଙ୍ଗୁଝିଅକୁ ବିବାହ କରି, ନିଜ ଜୀବନକୁ ନଷ୍ଟ ନ କରିବା ପାଇଁ ।

ହେଲେ ଶେଖର ...?

ସେ ତ ଅମାନିଆ ...କହିଲେ କଣ ନା, ଏତେ ଶସ୍ତା ନୁହେଁ ମୋ ପ୍ରେମ। ଭରସା ଆଉ ପ୍ରତିଶ୍ରୁତି ହିଁ ତ ଏହାର ମୂଳଦୁଆ। ଜୀବନରେ ପ୍ରେମ ଥରେ ହୁଏ। ମନ ଥରେ ଦିଆଯାଏ, ତୁ ଯଦି ରାଜି ହବୁନି, ତେବେ ସାରା ଜୀବନ ମୁଁ ଏହିଭଳି ହିଁ ରହିଯିବି । ମୋର କିଛି ଆପତ୍ତି ନାହିଁ । ସୃଷ୍ଟିର ଏମିତି କୌଣସି ଶକ୍ତି ଆସିବନି ଯିଏ ମୋ ହୃଦୟରେ ତୁ ଜାଳିଥିବା ପ୍ରୀତିର ଅଖଣ୍ଡଦୀପକୁ ଲିଭାଇବା ତ ଦୂରର କଥା, ତାର ଶିଖା ସ୍ପର୍ଶ ସୁଦ୍ଧା କରିପାରିବ । ମାତ୍ର ବିବାହ କରିବି ଯଦି କେବଳ ତୋତେ। ତୁ ହିଁ ମୋ ଜୀବନର ଶ୍ରେଷ୍ଠ ନାରୀ, ତେଣୁ ଏଥିରୁ ଓହରିଯିବାର ନାହିଁ। ତୁ ମୋତେ ଛାଡିଦେଇପାରୁ, ହେଲେ ମୁଁ କେବେ ବି ନୁହେଁ । ସତରେ ପ୍ରେମ କଣ ଏମିତି ଏକ ପରଶମଣି, ଯାହାକୁ ଥରଟିଏ ଛୁଇଁ ଦେଲେ, ମାମୁଲି ବି ହୁଏ ମହାନ୍। ଆଉ ସାଧାରଣ ହୁଏ ଦୁର୍ମୂଲ୍ୟ....ବିବାହବେଦୀରେ ହୋମନିଆଁର ଚାରିପାଖରେ ହୁଇଲ୍ ଚେୟାରରେ ବସି ଶେଖର ସହ ସାତଫେରା ନେଲାବେଳେ ଭାବୁଥିଲା ଜ୍ୟୋତି - "The more you are motivated by Love, the more fearless and free your actions will be"

■■


ଫକୀରମୋହନ ନଗର, ଆଇଟିଆଇ ଛକ,
ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨


# କଏଦୀ


ସୁନନ୍ଦା ମହାନ୍ତି




ତିନି ତିନିଟା କନ୍ୟା ସନ୍ତାନଙ୍କୁ ପରକୁ ପର ତା କୋଳରୁ ଛଡ଼ାଇ ନେବା ପରେ ଏଇ ଚତୁର୍ଥ କନ୍ୟା ସନ୍ତାନକୁ ଜାବୁଡି ଧରି ଫୁଲ କାନ୍ଦୁଥିଲା କଇଁ କଇଁ । ନରରାକ୍ଷାସ ପାଲଟି ଥିବା ତିନି ଝିଅ ଛୁଆଙ୍କ ବାପା ଅନାମକୁ କେତେ ନେହୁରା ହେଉଥିଲା ଫୁଲ. ଝିଅ ଘରର ଲକ୍ଷ୍ମୀ. ପୁଅ ଯେମିତି ବାପା କାନ୍ଧକୁ କାନ୍ଧ ମିଶାଇବ ଝିଅଟିଏ ସେମିତି ମାଆ କାନ୍ଧକୁ କାନ୍ଧ ମିଶାଇବା ସଙ୍ଗେ ପରିବାରର ସାହାରା ହେବ । କେତେ କଷ୍ଟ ସହି ଦଶ ମାସ ଦଶ ଦିନ ପେଟରେ ରଖି ଜନ୍ମ ଦେଇଛି ଟିକେ ବୁକୁଭରି ଛାତିରେ ଜଡ଼ାଇ ରଖିବା ପୂର୍ବରୁ ବାପା ହୋଇ ଜଲ୍‌ହାଦ ସାଜିବାକୁ ହାତ ଯାଉଛି କେମିତି ? ଯାହା ହେବାର ହେଲାଣି, ତିନିଥରରେ ଧର୍ମଛାଡ । ଏଥରକ ଅନ୍ତତଃ ସୁନାନାକୀ ଚମ୍ପାଗୋରୀ ଚତୁର୍ଥ ସନ୍ତାନଟିକୁ କୋଳରେ ଧରି ଛାତି ଚିରି ବହିଆସୁଥିବା ଗଙ୍ଗା ଯମୁନା ପରି ଅମୃତ ଧାର ଟିକେ ତା ପାଟିରେ ଦେବାକୁ ଥରେ ମତେ ସୁଯୋଗ ଦେ ଅନାମ । ତୋ ଗୋଡ଼ ଧରୁଛି ।

ଶୁଣିଲାନି ଅନାମ । ଝିଙ୍କି ନେଲା ମାଆ କୋଳରୁ ଗୁଲୁଗୁଲିଆ ଚମ୍ପାକଢି ପରି ସଦ୍ୟ ଜାତ ଟିକି ଝିଅଟାକୁ । ଫୁଲ ସବୁଥର ପରି ବୁକୁ ଫଟେଇ କାନ୍ଦୁଥିଲା ।



ଅନାମ ସବୁଥର ପରି କିଆବାଡରେ କି ସିଜୁ ବୁଦା ମୂଳେ ଅବା ପୋଖରୀରେ ଫିଙ୍ଗି ଦେଇ ଆସି ଗାଧୁଆ ପାଧୁଆ କରି କହେ ମାଆ ଲୋ ମାଆ ମତେ କ୍ଷମା କର ମାଆ, ଏଥର କିନ୍ତୁ ହସ ଉକୁଟୁଥିଲା ଅନାମ ଓଠରୁ । କହିଲା ଜାଣିଛୁ ଫୁଲ ତୁ ସତ କହୁଥିଲୁ ଲୋ ଝିଅଟା ଆମର ଭାରି ଲକ୍ଷ୍ମୀମନ୍ତ । ଜନ୍ମ ହେଉ ହେଉ ମରିବାକୁ ନଯାଇ ପଇସା ଖଣିରେ ପଡିଲା ଲୋ । ସବୁ ଦୁଃଖ ଗଲା ଆମର । ମୋ ଆଖି ଛୁଉଁଛି ତୋ ମୁଣ୍ଡ ଛୁଉଁଛି ଝିଅଟା ପୁରା କପାଳିଆ । ମୁଁ ବୁଦାମୂଳେ ଶୁଆଇ ଦେଉ ଦେଉ ଆମ ଗାଁ ସରପଞ୍ଚ ପରା ଉଠେଇ ନେଲା । ଭୋଟ ବେଳ । ଭଲ ଦି ପଇସା ନଦେଲେ ସବୁ ପୋଲ ଖୋଲିଦେବିନି ତାର ! ହୁଁ ମୋ ନାମ ଅନାମ ଟି !

ଫୁଲ କିନ୍ତୁ କାନ୍ଦୁଥିଲା ସୁଉଁ ସୁଉଁ ହୋଇ. ଥନରୁ ଗଡିଯାଉଥିଲା ଅମାନିଆଁ ଅମୃତର ଧାର । ମାତୃତ୍ୱ ବିଳାପ କରୁଥିଲା ଫୁଲର ତ ଅନାମ ଜଡ଼ାଇ ଧରି ଫୁଲକୁ କହୁଥିଲା କାନ୍ଦନା ଲୋ ଏଥର ଲକ୍ଷ୍ମୀ ପାଇଁ ଆମ ଦୁଃଖ ଗଲା । ଏଣିକି ଖାଲି ସୁଖ ଆଉ ସୁଖ । ସୁଖର ଶେଜରେ ଶୋଇ ତୁ ଏଥର ପୁଅ ଜନ୍ମ କରି ଭାଗ୍ୟବତୀ ହେବୁ ଲୋ ଫୁଲ ।

ସତକୁ ସତ ଫୁଲ ଏବେ କସ୍ତା ଶାଢ଼ୀ ଛାଡ଼ି ଫୁଲପକା ଶାଢ଼ୀ ପିନ୍ଧୁଥିଲା । ଚଟାଣରେ ନଶୋଇ ଖଟ ଗଦିରେ ଶୋଉଥିଲା । କାନରେ ଝୁମୁକା ଓ ନାକରେ ବାସଣୀ ନାଇ ଫୁଲ ପରି ସତେଜ ଦିଶୁଥିଲା ଅନାମ ଆଖିକୁ ସିନା ଭିତରେ ଭିତରେ ମଉଳି ଯାଇଥିଲା ଫୁଲ । ଅଳି କରୁଥିଲା ମତେ ଥରେ ସରପଞ୍ଚଙ୍କ ଘରକୁ ନେଇଚାଲ, ମୋ ଝିଅକୁ ଦୂରରୁ ଟିକେ ଚାହିଁଦେଇ ଆସନ୍ତି ।

ଅନାମ କହେ ଆଲୋ ଏବେ ଆମ ଝିଅ ସରପଞ୍ଚଙ୍କ ଝିଅ ରୂପେ ଆଦର ଯତ୍ନ ସମ୍ମାନ ପାଇ ବଞ୍ଚିବା ସହ ସରପଞ୍ଚଙ୍କ ପାଖରୁ ତାଙ୍କରି ହାତରୁ କିପରି ତା ବାପ ଅନାମ ପଇସା ଗଣି ଗଣି ଥକିଯିବ ସେହି ରାସ୍ତା ଖୋଲିଦେଇଛି । ତୁ ଯାଇ ଝିଅକୁ ଦେଖିଲେ ସରପଞ୍ଚ ବାବୁ ଘାବେରେଇଯିବେ । କଥାଟା ତାଙ୍କ ମୋ ଭିତରେ ସୀମିତ ନରହି କେତେବେଳେ ଯେ ବିରୋଧୀ କାନକୁ ନଯିବ କିଏ କହିବ ? ମୋ ରୋଜଗାର ବନ୍ଦ କରିଦେବେ ସରପଞ୍ଚ । ରହ ଥୟ ଧର ଇଲେକ୍ସନ ଯାଉ ଦେଖିବା ।

ଦୁଇ ଦିନ ହେଲା ଅନାମ ମଦ ପେଟେ ପିଇ ମୁର୍ଦ୍ଦାର ପରି ପଡିଛି । ବିଳିବିଳେଇ କହୁଛି ସବୁ ସରିଗଲା ଲୋ ଫୁଲ । ସରପଞ୍ଚ ବାବୁ ଭୋଟରେ ହାରିଗଲା । ଆଉ କଣ ସେ ମତେ ହାତ ଖୋଲା ଟଙ୍କା ଦେବ ? ଏଥର ଯେମିତି ହେଲେ ଆମ ଝିଅ ଲକ୍ଷ୍ମୀ ପସରାକୁ ସେଠାରୁ ଉଦ୍ଧାର କରି ଆଣି ତାକୁ ପଙ୍ଗୁ କରି ରାଜରାସ୍ତାରେ ଥୋଇଦେଲେ ଆମ ଝିଅ ପରା କେଇଟା ଦିନରେ ଆମକୁ କୋଟିପତି କରିଦେବ ।

ଚମକି ପଡିଲା ଫୁଲ । ଅନାମକୁ ବିଶ୍ୱାସ ନାହିଁ । ରାତିରେ ନିଦ ହେଉନଥିଲା ଫୁଲକୁ, ଦିନରେ ଭୋକ ଶୋଷ ବି ଲାଗୁନଥିଲା । କେବଳ ଗୋଟିଏ ଚିନ୍ତା ଝିଅକୁ ଦେଖିବ ଓ ଚୋରେଇ ନେଇ ଟ୍ରେନ କି ବସରେ ଚଢି ଆଖି ପାଇବା ଯାଏଁ ଦୂରକୁ ପଳେଇବ । ଗୋଡ଼େ ଗୋଡ଼େ ଜଗିଥିଲା ଅନାମକୁ । ସେଦିନ ଅନାମ ଉଠି ଡଗ ଡଗ ପାଦ ପକେଇ ସରପଞ୍ଚଙ୍କ ଘର ଆଡକୁ ରାତି ଅଧରେ ଯାଉଥିବା ଦେଖି ଦୂରତା ରଖି ଅନ୍ଧାରରେ ଫୁଲ ବି ଚାଲିଲା । ଅନାମକୁ ସରପଞ୍ଚ ମଧ୍ୟ ଜଗିଥିଲେ । ପଇସା ଟଙ୍କା ନପାଇ ଅନାମ ଝିଅକୁ ଉଠାଇନେବା ସନ୍ଦେହରେ ପହରା ଦେଉଥିଲେ । କିଛି ନଶୁଣି ଅନାମ ଧସେଇ ପଶିଲା । ସାଆନ୍ତାଣୀଙ୍କ କୋଳରୁ ଲକ୍ଷ୍ମୀକୁ ଉଠାଇ ଯେମିତି ଚାଲିଲା କାଠେ ପକେଇଲେ ମୁଣ୍ଡକୁ ସରପଞ୍ଚ । ଝିଅକୁ ମାଆ ସାଆନ୍ତାଣୀ ନେଇ ଭିତରକୁ ଚାଲିଗଲେ । ପୁଲିସ ଗାଡିଟା ପହଁଚିଲା ବେଳକୁ ଅନାମ ଶରୀରଟା ନିସ୍ତେଜ ହୋଇଆସୁଥିଲା । ପୋଲିସ ବାବୁ ସରପଞ୍ଚଙ୍କୁ ହାତ କଡା ପିନ୍ଧେଇବା ପୂର୍ବରୁ, ଫୁଲ କାଠ ଫାଳିଆ ଧରି ଓ ପୋଲିସକୁ ଦେଖାଇ କହିଲା ମୁଁ ମାରିଛି ବାବୁ । ମୋ ସ୍ୱାମୀକୁ ମୁଁ ମାରିଛି । ମୋର ତିନି ତିନିଟା ଝିଅଙ୍କୁ ମାରି ସାରିବା ପରେ ବାବୁଙ୍କ ଝିଅକୁ ନେଇ ମାରିବ ବସିଥିଲା ତ ମୁଁ ପ୍ରତିଶୋଧ ନେଇଛି । ପୋଲିସ ଫୁଲ ହାତରେ ହାତକଡା ପିନ୍ଧାଇ ନେଲା ବେଳେ ସରପଞ୍ଚ ଫୁଲକୁ କଣ କହିବାକୁ ଲାଗି ଆସିଥିଲେ ତ ଫୁଲ କହିଲା ମୋ ଝିଅ ଲାଗିଲା ବାବୁ ଆଉ ସବୁ ମତେ ଲାଗିଲା । ଥାନା, କୋର୍ଟ କି ପୋଲିସର ଯେତେ ଜେରା, ସବୁଥିରେ ଫୁଲ ନୀରବ ଥିଲା । କୌଣସି ପ୍ରଶ୍ନର ଉତ୍ତର ନଦେଇ ଦୋଷୀ ସାବ୍ୟସ୍ତ ହୋଇ ଫାଶୀ କାଠରେ ଚଢିବା ପୂର୍ବରୁ ସରପଞ୍ଚଙ୍କୁ ସେହି ପଦକ ଦୋହରାଇଥିଲା । ମୋ ଲକ୍ଷ୍ମୀ ଲାଗିଲା ।

ଲୁହ ଧାର ଧାର ବହିଯାଉଥିଲା ସରପଞ୍ଚ ଓ ତାଙ୍କ ସ୍ତ୍ରୀଙ୍କ ଆଖିରୁ । ଆପଲକ ନୟନରେ, ସାଆନ୍ତାଣୀଙ୍କ କୋଳରେ ଝିଅକୁ ଚାହିଁଥିବା ବେଳେ ଫୁଲ ମୁହଁରେ କଳା କପଡା ପଡି ସାରିଥିଲା ।


ସାକ୍ଷୀଗୋପାଳ, ପୁରୀ
(ମୋ) ୯୦୪୦୯୭୭୩୨୭

# ଜିଲ୍ଲାରେ ଗଡ଼ିଲା ସୁଭଦ୍ରା ରଥ : ମହାସମାରୋହରେ ଉଦ୍‌ଘାଟନୀ କାର୍ଯ୍ୟ ସମାପନ



ଭଦ୍ରକ,୮/୦୯ (ନି.ପ୍ର): ମହିଳା ସଶକ୍ତି କରଣ ନେଇ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇସାରିଥିବା ଐତିହାସିକ ପଦକ୍ଷେପ 'ସୁଭଦ୍ରା' ଯୋଜନା ସମ୍ବନ୍ଧରେ ହିତାଧିକାରୀ ତଥା ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ସୁଭଦ୍ରା ରଥ ପରିକ୍ରମା କାର୍ଯ୍ୟର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ପାଇଁ ପ୍ରସ୍ତୁତ ୪ଟି ରଥର ପରିକ୍ରମା ପାଇଁ ଜିଲ୍ଲା କାର୍ଯ୍ୟାଳୟରେ ମହାସମାରୋହରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପୂଜା ପାଠ ପୂର୍ବକ ପତାକା ପ୍ରଦର୍ଶନ କରି ସୁଭଦ୍ରା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ଲୋକସଭା ସଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ୍ ରାଉତରାଏ, ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେପ୍ଟେମ୍ବର ୭ ତାରିଖରୁ ୧୬ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳ ପରିକ୍ରମା କରିବାକୁ ଥିବା ଏହି ୪ଟି ରଥ ପ୍ରଥମ ପର୍ଯ୍ୟାୟରେ ଭଦ୍ରକ, ବନ୍ତ, ଧାମନଗର ଓ ବାସୁଦେବପୁର ବ୍ଲକ୍‌କୁ ଯାତ୍ରା ଆରମ୍ଭ କରିଛି । ସମ୍ପୃକ୍ତ ସମସ୍ତ ବ୍ଲକ୍ ଓ ପୌରପାଳିକା ତରଫରୁ ମଧ୍ୟ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବ୍ଲକ୍ ର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ପରିକ୍ରମ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି । ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ଯୋଗାଇ ଦିଆଯିବାକୁ ଥିବା ଅର୍ଥରାଶି, ଆବେଦନ ପ୍ରକ୍ରିୟା, ଯୋଗ୍ୟ ହିତାଧିକାରୀ ଆଦି ସମ୍ବନ୍ଧରେ ସୁଭଦ୍ରା ରଥରେ ସୁସଜ୍ଜିତ୍ ବ୍ୟାନର, ପରିବେଷିତ ସଂଗୀତ, ରଥ ବୁଲିଲା ବେଳେ ପ୍ରଚାର ପତ୍ର ବଣ୍ଟନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଛି । ସୂଚନା ଯୋଗ୍ୟକି ପ୍ରତି ରଥରେ ୭ ହଜାର ପ୍ରଚାର ପତ୍ର ମହଜୁଦ ରହିଛି ଏବଂ ରଥ ପରିକ୍ରମାର ୧ମ ଦିନରେ ପ୍ରତି ବ୍ଲକ୍‌ରେ ୧ ହଜାରରୁ ଉର୍ଦ୍ଧ୍ୱ ପ୍ରଚାର ପତ୍ର ବଣ୍ଟନ କରାଯାଇଛି । ପ୍ରତି ବ୍ଲକ୍ ସଦର ମହକୁମାରେ ୫ଟି ଲେଖାଏଁ ବ୍ୟାନର ଲଗାଯାଇଛି । ପ୍ରତି ବ୍ଲକରେ ପ୍ରାୟ ୫ ଦିନ ବୁଲିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୩ଟି ବ୍ଲକ ସଂପୃକ୍ତ ପୌରାଞ୍ଚଳକୁ ଏହି ରଥ ପରିକ୍ରମା କାର୍ଯ୍ୟ ଆରମ୍ଭ ହେବ । ନିର୍ଦ୍ଧାରିତ ଚିହ୍ନଟ ମାର୍ଗ ଅନୁଯାୟୀ ନିୟୋଜିତ ସମ୍ପୃକ୍ତ ନୋଡ଼ାଲ ଅଧିକାରୀ ମାନଙ୍କ ଦ୍ୱାରା ଏହି ରଥ ପରିକ୍ରମା କାର୍ଯ୍ୟ ପରିଚାଳିତ ହେଉଛି । ଅତିରିକ୍ତ ଉପଜିଲ୍ଲାପାଳ ଶ୍ରାମଳ ରାୟ, ବି.ଡ଼ି.ଓ. ଭଦ୍ରକ ସୀତାକାନ୍ତ ରାଉତ, ବନ୍ତ ପ୍ରଦୀପ କୁମାର ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଭଦ୍ରକ ପୌରପାଳିକା ଦେବୀ ପ୍ରସାଦ ମହାନ୍ତି ବିଭାଗୀୟ ଅଧିକାରୀ ଡ଼ି.ଏସ୍.ଡ଼ବ୍ଲ୍ୟୁ.ଓ. ପୁଷ୍ପଲତା ପାତ୍ର, ଡ଼ି.ପି.ଏମ୍. ଓ.ଏଲ୍.ଏମ୍. ସଂଜ୍ଞୟ କୁମାର ବାରିକ୍, ଆଇ.ସି.ର ନୋଡ଼ାଲ ଅଧିକାରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍, ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

ବେତନଟୀ, ୮/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ପୋଲିସ ବିଭାଗ ଦ୍ୱାରା ସାରା ରାଜ୍ୟରେ ବରିଷ୍ଠ ନାଗରିକ ଚିହ୍ନଟ ପ୍ରକ୍ରିୟା ଗତ ଦୁଇ ବର୍ଷ ହେଲା ଚାଲୁ ରହିଛି । ଏହି ପରିପ୍ରେକ୍ଷିରେ ବୈଶିଙ୍ଗା ଥାନା ଅଞ୍ଚଳରେ ୯୦ ଜଣଙ୍କୁ ଚିହ୍ନଟ କରାଯାଇ ପୋଲିସ ବିଭାଗ ତରଫରୁ ପରିଚୟ ପତ୍ର ପ୍ରଦାନ କରାଯାଇଛି । ଆଜି ଏହି ବରିଷ୍ଠ ନାଗରିକ ମାନଙ୍କୁ ନେଇ ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ମୂଖ୍ୟ ଅତିଥି ଭାବେ ବୈଶିଙ୍ଗା ଥାନାଧିକାରୀ ତପନ କୁମାର ପ୍ରଧାନ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କୁ ପ୍ରଦାନ କରାଯାଇଥିବା ପରିଚୟପତ୍ର ର ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ । ଏଥି ପାଇଁ ଏକ କମିଟି ଗଠନ କରାଯାଇ ସର୍ବସମ୍ମତି କ୍ରମେ ସଭାପତି ଭାବେ ସିତାନାଥ ବେହେରା, ଉପସଭାପତି ଭାବେ ମନୋରଞ୍ଜନ ଲେଙ୍କା ଓ ଲକ୍ଷ୍ମୀଧର ନାଥ, ସମ୍ପାଦକ ଭାବେ ଅଶ୍ୱିନୀ କୁମାର ମହାରଣା, ସହ ସମ୍ପାଦକ ଭାବେ ହରିଶ୍ଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଭାବେ ସୋମନାଥ ମନ୍ତ୍ରୀ, ଉପଦେଷ୍ଟା ଭାବେ ସୁଦର୍ଶନ ମହାପାତ୍ର, ପ୍ରଶାନ୍ତ କୁମାର ପଣ୍ଡା, ଚନ୍ଦ୍ରଶେଖର ମହାପାତ୍ର, ସୁରଥ କୁମାର ପ୍ରଧାନ , ରବି ନାରାୟଣ ପଣ୍ଡା, ଭାଗବତ ପଣ୍ଡା, ଅମୂଲ୍ୟ କୁମାର ପାଣିଗ୍ରାହୀ, ଗିରିଶ୍ଚନ୍ଦ୍ର ରାଉତ, ଚତୁର୍ଭୁଜ ପୁଷ୍ଟି, ମହେଶ୍ୱର ଷଡଙ୍ଗୀ, ବ୍ରଜ କୁମାର ଦାଶ ଏବଂ ରାଧାକୃଷ୍ଣ ଷଡ଼ଙ୍ଗୀଙ୍କୁ ଚୟନ କରା ଯାଇଥିଲା । ଭବିଷ୍ୟତରେ ବରିଷ୍ଠ ନାଗରିକଙ୍କ ପାଇଁ ଆଇନ ସୁବିଧା, ବ୍ୟାଙ୍କିଙ୍ଗ ସୁବିଧା, ସ୍ୱାସ୍ଥ୍ୟ ସୁବିଧା ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ସହଜରେ ଉପଲବ୍ଧ ହୋଇ ପାରିବା ନେଇ ଆଲୋଚନା କରାଯାଇଥିଲା ।

# ହେଲଦୀ ଲାଇଫ ଯୋଗ ମହାବିଦ୍ୟାଳୟର ବୃହତ୍ ଚାରା ରୋପଣ ଅଭିଯାନ




ବାଲେଶ୍ୱର, ୮/୦୯ (ନି.ପ୍ର): ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ ନେଚର କିୟର ଯୋଗିକ୍ ସାଇନ୍ସ ଚିଡିଆ ପୋଲ ବାଲେଶ୍ୱର କଲେଜର ଜାତୀୟ ସେବା ଯୋଜନା ଏନ୍ଏସ୍ଏସ୍ ୟୁନିଟ୍, ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର ଆନୁକୂଲ୍ୟରେ ରେମୁଣା ବେଗମ୍‌ପୁର ପଡ଼ିଆ ପରିପାର୍ଶ୍ୱରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଏନ୍ଏସ୍ଏସ୍ ପ୍ରୋଗ୍ରାମ୍ ଡାକ୍ତର ଚିତ୍ତରଞ୍ଜନ ସାହୁ, ଛାତ୍ରଛାତ୍ରୀ ଓ ବେଗମପୁର ଗ୍ରାମବାସୀଙ୍କ ସହଯୋଗରେ ତା ୦୮.୦୯.୨୪ରୁ ୧୫ ତାରିଖ ପର୍ଯ୍ୟନ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲୁ ରହିବ । ଉଦ୍‌ଘାଟନ ଉତ୍ସବରେ ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ରେମୁଣା ଏମ୍‌ଏଲଏ ତଥା ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ବୃକ୍ଷ ବିନା ଆମେ ବଞ୍ଚି ପାରିବା ପାହିଁ ତେଣୁ ପ୍ରଚୁର ଗଛ ଲଗାଇବା ପାଇଁ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ । ବାଲେଶ୍ୱର ପ୍ରଶାସନର ମୁଖ୍ୟ ଜିଲ୍ଲାପାଳ ବିକାଶ ସୁସ୍ଥ ପରିବେଶ ପାଇଁ ଗଛ ଆବଶ୍ୟକ ତେଣୁ ବୃକ୍ଷରୋପଣ କଲେ ଓ ସୁରକ୍ଷା ଦେଲେ ଆମେ ସୁସ୍ଥ ରହିବୁ । ଆଇଜି ଇଷ୍ଟର୍ଣ୍ଣ ରେଞ୍ଜ ଡାକ୍ତର ସତ୍ୟଜିତ ନାୟକ ପ୍ରକୃତିରୁ ଆମେ ଜନ୍ମ ତେରୁ ପ୍ରକୃତିକୁ ବଞ୍ଚାଇବାର ପ୍ରଥମ କାମ ବୃକ୍ଷରୋପଣ କଲେ ବର୍ଷା ହେବ, ଜଳବାୟୁ ଶାନ୍ତ ରହିଲେ ମଣିଷ ଶାନ୍ତ ରହିବ । ଫକୀରମୋହନ ବିଶ୍ୱ ବିଦ୍ୟାଳୟର ପିଜି କାଉନ୍‌ସିଲର ଚେୟାରମ୍ୟାନ ପ୍ରଫେସର ଡଃ ଭାକିର ବେହେରା ଫକୀରମୋହନ ବିଶ୍ୱବିଦ୍ୟାଳର ଏନ୍ଏସଏସ ପ୍ରୋଗ୍ରାମ ଅଫିସର ପ୍ରଫେସର ଡା. ପ୍ରତିମା ପ୍ରଧାନ, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଗୌରାଙ୍ଗ ଦାସ, ଏନ୍ଏସି ଚେୟାରମ୍ୟାନ ତନୁଜା ଗିରି, କାଉନସିଲର ପ୍ରମିଳା ଦାସ କହିଲେ ଗଛ ମଣିଷର ପରମ ବନ୍ଧୁ ତାଙ୍କ ଯୋଗୁଁ ଆମେ ବଞ୍ଚିଛୁ, ବୃକ୍ଷରୋପଣ ଆମର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ । ବିଦ୍ୟାଳୟର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ୍, ପରିବେଶ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ଦରକାର ସେଥିପାଇଁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପ୍ରଶାସନ, ସମସ୍ତ ଦଳୀୟ ନେତା ସୁସ୍ଥ ପରିବେଶ ପାଇଁ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ । ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରାକୃତିକ ଚିକିତ୍ସାବିତ ଯୋଗ ବିଶାରରଦ କହିଲେ, ଆଜିର ଆଧୁନିକ ଜୀବନର ରୋଗ, ଔଷଧ ଠାରୁ ଦୂରେଇବାକୁ ହେଲେ ପରିବେଶ ସୁରକ୍ଷା ସହିତ ଯୋଗ ଚିକିତ୍ସା, ପ୍ରାକୃତିକ ଚିକିତ୍ସା ବିନା ଔଷଧ ରୋଗ ଆରୋଗ୍ୟ ପାଇଁ ଯୋଗ ମହାବିଦ୍ୟାଳୟ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ବର୍ଷକିଆ ମାଷ୍ଟର ଡିଗ୍ରୀ, ୧ ବର୍ଷକିଆ ପିଜି ଡିପ୍ଲମା ଇନ୍ ଯୋଗା, ଡିପ୍ଲମା ଇନ୍ ଯୋଗା, ଟିଚରର, ଡିପ୍ ଇନ୍ ନେଚୁରୋପାଥି, ଇପ୍ ଇନ୍ ଫିଜିଓଥେରାପି ପାଠ୍ୟକ୍ରମ ମାଧ୍ୟମରେ ଉତ୍ତମ ଶିକ୍ଷା ସହିତ ନିରୋଗ ସୁସ୍ଥ ଜୀବନ ରଖିବାରେ ପ୍ରୟାସ ଜାରି ରହିଛି, ଏବେ ଭାରତ ସରକାର ଯୋଗ ଚିକିତ୍ସକ ମାନଙ୍କୁ ପ୍ରତ୍ୟେକ ସରକାରୀ ଚିକିତ୍ସାଳୟରେ ନିଯୁକ୍ତି କରୁଛନ୍ତି, ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଗ୍ରାମବାସୀ ବୃକ୍ଷରୋପଣ କରି ଚାରାକୁ ବଞ୍ଚାଇ ରଖିବାର ଶପଥ ନେଇଥିବାରୁ ମହାବିଦ୍ୟାଳୟର ତରଫରୁ ସମସ୍ତଙ୍କୁ ଧନ୍ୟବାଦ ସହିତ ଆମ କଲେଜ ପ୍ରତ୍ୟେକ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରିବା ପାଇଁ ଆମେ ସଂକଳ୍ପ ବଦ୍ଧ, ଶେଷରେ ଅଧ୍ୟାପକ ଅଭିଶେକ ଦାସ ଧନ୍ୟବାଦ ଦେଇଥିଲେ ଓ କାର୍ଯ୍ୟକ୍ରମକୁ ଅଧ୍ୟାପିକା ରଞ୍ଜିତା ମିଶ୍ର ଓ ସମସ୍ତ ଛାତ୍ରଛାତ୍ରୀ ସୁଚାରୁରୂପେ ପରିଚାଳନା କରିଥିଲେ ।

# ନିସ୍ତେଜ ଅବସ୍ଥାରେ ଶୋଇଥିବା ବ୍ୟକ୍ତି ୧୦୮ ଦ୍ୱାରା ଉଦ୍ଧାର: ଡାକ୍ତରଖାନାରେ ମୃତ ଘୋଷଣା

ନୀଳଗିରି-୮/୯ (ନି. ପ୍ର)
ଧୋବଶିଳା ପଞ୍ଚାୟତର ଖୁଣ୍ଟଣା ଠାରେ, ଜଣେ ବ୍ୟକ୍ତି ନିସ୍ତେଜ ଅବସ୍ଥାରେ ଶୋଇ ରହିଥିଲେ ।କେହି ଜଣେ ସହୃଦୟ ବ୍ୟକ୍ତି ୧୦୮ ଫୋନ୍ କରିବାପରେ, ସେଠାରୁ ନିଳଗିରି ଡାକ୍ତରଖାନା କୁ ୧୦୮ ଯୋଗେ ତାଙ୍କୁ ନିଆଯାଇଥିଲା ।କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ତାଙ୍କର ପରିଚୟ ଓ ଠିକଣା ଅଦ୍ୟାବଧି ମିଳିପାରି ନାହିଁ । ନୀଳଗିରି ଥାନା ଆଇ ଆଇ ସି ଗୋପାଳ ଚଂଦ୍ର କର୍ଣ୍ଣ, ତାଙ୍କର ଫଟୋ ଦେବା ସହିତ କେହି ତାଙ୍କର ପରିଚୟ ଜାଣିଥିଲେ, ତୁରନ୍ତ ନିକଟସ୍ଥ ଥାନା କିମ୍ବା ନୀଳଗିରି ଥାନାକୁ ଜଣାଇବାକୁ ସୂଚନା ଦେଇଛନ୍ତି ।



## ସଚେତନ ନାଗରିକ ମଂଚ ପକ୍ଷରୁ ମିଶନ ତାଳବଣ

ଧର୍ମଶାଳା, ୮/୦୯ (ନି.ପ୍ର): ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଚେତନ ନାଗରିକ ମଂଚ' ବିଭିନ୍ନ ସମୟରେ ନୂତନ କାର୍ଯ୍ୟକ୍ରମ ହାତକୁ ନେଇ ଜିଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଶରୀର ଦାନ,ରକ୍ତଦାନ ଶିବିର,ଚାରାରୋପଣ ଓ ଯବାନଙ୍କ ପାଇଁ ରାକ୍ଷୀ ପଠାଇବା ଆଦି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ବେଳେ ଆଜି ଆଉ ଏକ ନୁତନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚଳିତ ବର୍ଷ ବଜ୍ରାଘାତ ମୃତ୍ୟୁକୁ ନେଇ ସବୁ ଆଡେ ଆତଙ୍କ ଖେଳାଇ ଦେଇଥିବା ବେଳେ ଏଥିରୁ ବର୍ତିବା ପାଇଁ ଏକ ନୂତନ କାର୍ଯ୍ୟକ୍ରମ ହାତକୁ ନେଇଛି ସଚେତନ ନାଗରିକ ମଂଚ । ବଜ୍ରପାତରୁ ରକ୍ଷା ନିମନ୍ତେ ମିଶନ ତାଳବଣ ସୃଷ୍ଟି କରିବା ଏକ ସଚେତନ ବର୍ତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମଞ୍ଚର ସମସ୍ତ କର୍ମକର୍ତା ଓ ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ନେଇ ଅନେକ ସ୍ଥାନରେ ତାଳମଞ୍ଜି ପୋତି ଥିଲେ । ଏଭଳି କାର୍ଯ୍ୟକ୍ରମକୁ ଅଂଚଳରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ରେମୁଣା ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ



ରେମୁଣା : ୮/୯ (ନି. ପ୍ର) ରବିବାର ସନ୍ଧ୍ୟାରେ ବାଲିଆ ସ୍ଥିତ ରେମୁଣା ବିଜେପି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ହରିପୁର ଗ୍ରାମପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ରମାମଣି ସେନାପତି, ବିଜେଡିର ବରିଷ୍ଠ କାର୍ଯ୍ୟକର୍ତ୍ତା ନରେନ୍ଦ୍ର ସେନାପତି,୧୦ ନମ୍ବର ୱାର୍ଡର ୱାର୍ଡମେମ୍ବର ଭବାନୀ ଶଙ୍କର ସାହୁଙ୍କ ସମେତ ତାଙ୍କର କିଛି ସମର୍ଥକ ଆଜି ବିଧିବଦ୍ଧ ଭାବେ ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏବଂ ରେମୁଣା ବିଧାୟକଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବିଜେଡି ଛାଡ଼ି ଭାରତୀୟ ଜନତା ପାର୍ଟିରେ ଯୋଗ ଦେଲେ । ଏହି ମିଶ୍ରଣ ପର୍ବରେ ସରକାରୀ ଉପମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, କୋର କମିଟି ଆବାହକ ଉମାକାନ୍ତ ପଣ୍ଡା, ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା,ମଳୟ କୁମାର ବିଶ୍ୱାଳ, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁବୋଧ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ ଏବଂ ହରିପୁର ପଞ୍ଚାୟତ ସଭାପତି ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ବିଧାୟକ ଶ୍ରୀ ଦାସ ମିଶିଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଜେପି ଉତ୍ତୋରୀୟ ଏବଂ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ସେ କହିଥିଲେ ଯେ ବିଜେପି ହେଉଛି ଏକ ରାଷ୍ଟ୍ରବାଦି ଦଳ, ଆମେ ସମସ୍ତେ ଏକ ମନ ଏକ ପ୍ରାଣ ହୋଇ କାମ କରିବା, ଏକ ବିକଶିତ ଭାରତ ଗଠନ ସହିତ ବିକଶିତ ରେମୁଣା ଗଠନ କରିବା । ଶେଷରେ ସମସ୍ତେ ନିଜ ନିଜ ମଧ୍ୟରେ ମିଠା ଖାଇବା ସହ 'ଭାରତ ମାତା କି ଜୟ' ର ନାରା ଲଗାଇଥିଲେ ।

# ୧୬ ନମ୍ବର ଜାତୀୟ ରାଜପଥରେ ଟ୍ରକ୍ ପଛ ପଟୁ ଧକ୍କା ଦେଲା ଆମ୍ବୁଲାନ୍ସ , ଜଣେ ମୃତ : ୨ ଗୁରୁତର

ଧର୍ମଶାଳା, ୮/୦୯ (ନି.ପ୍ର): - ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥ ଧର୍ମଶାଳା ଥାନା ଅନ୍ତର୍ଗତ ରଥିଆ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଛିଡା ହୋଇଥିବା ଏକ ଟ୍ରକ୍ ପଛପଟୁ ଧକ୍କା ଦେଲା ଆମ୍ବୁଲାନ୍ସ । ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଆମ୍ବୁଲାନ୍ସର ଆଟେନାଣ୍ଡ ହେମନ୍ତ ଆଚାର୍ଯ୍ୟ ମୃତ୍ୟୁବରଣ କରିଥିବା ବେଳେ ଆମ୍ବୁଲାନ୍ସ ଚାଳକ ଗୋବର୍ଦ୍ଧନ ଜେନା ଓ ଫାର୍ମାସିଷ୍ଟ ଗିରିଜା କୁମାର ସେଠୀ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ପ୍ରଥମେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା । ସେଠାରେ ଦୁହିଁଙ୍କ ଅବସ୍ଥା ସଙ୍କଟାପନ ହେବାରୁ ସେମାନଙ୍କୁ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଥିବା ଜଣାପଡିଛି । ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି । ଆମ୍ବୁଲାନ୍ସର ଚାଳକଙ୍କ ଆଖି ଲାଗି ଯିବାରୁ ଏଭଳି ମର୍ମନ୍ତୁଦ ଦୃର୍ଘଟଣା ଘଟିବା ନେଇ ଅଂଚଳରେ ଆଲୋଚନା ହେଉଛି । ସୂଚନା ମୁତାବକ, ଆଜି ଭୋର ସମୟରେ ଏକ ୧୦୮ ଆମ୍ବୁଲାନ୍ସ କେନ୍ଦୁଝରରୁ ରୋଗୀ ଓ ସମ୍ପର୍କୀଙ୍କୁ ନେଇ କଟକ ବଡ ମେଡିକାଲରେ ସେମାନଙ୍କୁ ଛାଡି ଫେରିବା ସମୟରେ ଧର୍ମଶାଳା ଥାନା ଅନ୍ତର୍ଗତ ରଥିଆ ନିକଟରେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଛିଡା ହୋଇଥିବା ଏକ ଟ୍ରକ ପଛ ପଟକୁ ଶକ୍ତ ଧକ୍କା ଦେଇଥିଲା । ଫଳରେ ଆମ୍ବୁଲାନ୍ସରେ ଥିବା ଅଟେନାଣ୍ଡଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭର ଓ ଫାର୍ମାସିଷ୍ଟ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ଚଣ୍ଡିଖୋଲ ଅଗ୍ନୀଶମ ବାହିନୀ ଓ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ସେମାନଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଥିଲେ । ତେବେ ଏହି ରଥିଆ ଛକ ନିକଟରେ ଜାତୀୟ ରାଜପଥରେ ଆଜି ନୁହେଁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି । କେବଳ ରାଜପଥରେ ବେଆଇନ ଭାବେ ପାର୍କିଂ ଫଳରେ ଏଭଳି ଦୁର୍ଘଟଣା ଘଟୁଥିବା ବେଳେ ଜାତୀୟ ରାଜପଥ ଅଧିକାରୀ,ଜିଲା ପ୍ରଶାସନ ଓ ଧର୍ମଶାଳା ପୋଲିସର ନଜର ନ ପଡିବା ସାଧାରରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପାଖାପାଖି ୨ମାସ ଭିତରେ ଏହି ରଥିଆ ଅଂଚଳରେ ଦୁର୍ଘଟଣାମାନଙ୍କ ଘଟି ଅନେକ ନିରୀହ ଜୀବନ ଯିବଥିବା ନଜିର ରହିଛି । ଏଦିଗରେ ଜାତୀୟ ରାଜପଥ ବରିଷ୍ଠ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି । ଦୁର୍ଘଟଣା ହେବା ପରେ ଅଗ୍ନୀଶମ ବାହିନୀ ଓ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ଥିଲେ । ହେଲେ ଗାଡି ଭିତରରେ ସେମାନଙ୍କୁ ଉଦ୍ଧାର କରିବାକୁ ପ୍ରାୟ ୨ ଘଂଟା ସମୟ ଲାଗିଥିଲା । ସେମାନଙ୍କ ନିକଟରେ କଟର ମେସିନ ନ ଥିବା ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ନିରୀହ ଜୀବନ ଯାଇ ଥିବା ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଥିଲେ ।

# ଲଗାଣ ବର୍ଷାରେ ବଢ଼ିଲା ଜଳସ୍ତର, ଖୋଲିଲା ମାଛକୁଣ୍ଡ ଡ୍ୟାମ୍‌ର ୨ଟି ଗେଟ୍

ଜୟପୁର, ୮/୦୯ (ନି.ପ୍ର): ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପର ଡ୍ୟାମ୍‌ର ଜଳସ୍ତର ବଢ଼ିବାରୁ ଦୁଇଟି ଗେଟ୍ ଖୋଲାଯାଇଛି । ଜଳ ଭଣ୍ଡାରରେ ଜଳସ୍ତର ବଢି ବିପଦ ସଙ୍କେତକୁ ଛୁଇଁବା ପରେ ୩ ନମ୍ବର ଏବଂ ୫ ନମ୍ବର ଗେଟ୍ ଖୋଲି ୪ ହଜାର କ୍ୟୁସେକ୍ ପାଣି ନିଷ୍କାସିତ କରାଯାଉଥିବା ସୂଚନା ମିଳିଛି ।ଡ୍ୟାମ୍ କ୍ଷମତା ୨୫ ଶହ ୯୦ ଫୁଟ ଥିବା ବେଳେ ବର୍ତ୍ତମାନ ୨୫ ଶହ ୮୭.୨୦ ଫୁଟକୁ ଜଳସ୍ତର ଛୁଇଁଛି । ପାଣିପାଗ ବିଭାଗରୁ କୋରାପୁଟ ଜିଲ୍ଲାରେ ବର୍ଷା ପରିମାଣ ବଢିବା ସୂଚନା ରହିଥିବା ବେଳେ ଆଗକୁ ବର୍ଷାର ପରିମାଣ ବଢିଲେ ଆହୁରି ଗେଟ୍ ଗୁଡିକ ଖୋଲାଯିବ ବୋଲି ପ୍ରକଳ୍ପ ଅଧିକାରୀ ସୂଚନା ଦେଇଛନ୍ତି ।

# ଶୈଳଶ୍ରୀ ପ୍ୟାଲେସରେ ଏକାଠି ହୋଇ ନୂଆଁ ଖାଇଲେ ରାଜ ପରିବାର

ବଲାଙ୍ଗିର,, ୮/୦୯ (ନି.ପ୍ର): ଆଜି ହେଉଛି ପଶ୍ଚିମ ଓଡ଼ିଶାର ମହାନ ଗଣ ପର୍ବ ନୂଆଁଖାଇ । ଏହି ଅବସରରେ ପ୍ୟାଲେଶ୍ ରେ ସମସ୍ତ ପରିବାର ପୂର୍ବରୁ ଥିବା ରାଜନୈତିକ ଓ ପାରିବାରିକ ମତାନ୍ତର ମନାନ୍ତରକୁ ଭୁଲି ପୁଣି ଏକାଠି ହୋଇଛନ୍ତି ବଲାଙ୍ଗିର ରାଜ ପରିବାର । ଏହି ଅବସର ରେ ପୂର୍ବତନ ପାଟଣା ରାଜ୍ୟ ର ମହାରାଜ ବର୍ତମାନ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ତାଙ୍କ କାକା ତଥା ବିଜେଡିର ବରିଷ୍ଠ ନେତା ଅନଙ୍ଗ ଉଦୟ ସିଂହଦେଓଙ୍କ ପରିବାର ଆଜି ବଲାଙ୍ଗିରର ଶୈଳେଶ୍ରୀ ପେଲେସ୍‌ରେ ଏକାଠି ହୋଇ ନୂଆଁ ଖାଇଛନ୍ତି । ଉପମୁଖ୍ୟମନ୍ତ୍ରୀ କେଭିଙ୍କ ସହ ତାଙ୍କ ଧର୍ମପତ୍ନୀ ତଥା ପାଟଣା ମହାରାଣୀ ବଲାଙ୍ଗିରର ସାଂସାଦ ଶ୍ରୀମତୀ ସଙ୍ଗିତା ସିଂହଦେଓ ଥିବା ବେଳେ ବିଜେଡିର ବରିଷ୍ଠ ନେତା ଅନଙ୍ଗଙ୍କ ବଡ଼ ପୁଅ ତଥା ବଲାଙ୍ଗିର ର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ତାଙ୍କ ଧର୍ମପତ୍ନୀ ଓ ଭାଇ ମନ୍ମଥ ସିଂହଦେଓ ନୂଆଁଖାଇ ପର୍ବରେ ଉପସ୍ଥିତ ଥିଲେ । ଶୈଳଶ୍ରୀ ପ୍ୟାଲେସରେ ରାଜକୀୟ ପରମ୍ପରା ଅନୁଯାୟୀ ରାଜପୁରୋହିତ ସନ୍ତୋଷ ଦାଶ ପୁଜା ବିଧି ସାରିବା ପରେ ପରିବାର ର ସମସ୍ତଙ୍କୁ ନୂଆ ଅନ୍ନ ପରଶି ଥିଲେ । ନୂଆଁ ଖାଇବା ପରେ କୁଳଦେବୀ ଙ୍କ ଦର୍ଶନ ଓ ଜୁହାରଭେଟ୍ ପର୍ବ ଅନୁଷ୍ଠିତ ହୋଇଥିବା ନେଇ ଜଣାପଡ଼ିଛି । ନବାନ୍ନ ଭକ୍ଷଣ ପରେ କନବର୍ଦ୍ଧନ ବଲାଙ୍ଗିର ରେ ମା ସମଲେଶ୍ୱରୀ ଓ ପାଟନେଶ୍ୱରୀ ଙ୍କ ମନ୍ଦିର କୁ ଆସି ସେମାନଙ୍କୁ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରି ସମସ୍ତ ଙ୍କ ମଙ୍ଗଳ କାମନା କରିଥିଲେ ।

## ପବିତ୍ର ନୂଆଁଖାଇ ଅବସରରେ ରବି ୨୦୨୪-୨୫ ସି. ଏମ୍. କିଷାନ ସହାୟତା

ବଲାଙ୍ଗିର, ୮/୦୯ (ନି.ପ୍ର): ପବିତ୍ର ନୂଆଁଖାଇ ଅବସରରେ ରବି ୨୦୨୪-୨୫ ସି. ଏମ୍. କିଷାନ ସହାୟତା ଓଡ଼ିଶାରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଶୁଭାରମ୍ଭ କରା ଯାଇଛି । ପ୍ରାୟ ୪୬ ଲକ୍ଷ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାର ଲଭାନ୍ୱିତ ହେଲେ ।

# 'ନୂଆଁଖାଇ' ସାଂସ୍କୃତିକ, ଆଧାତ୍ମିକ ଓ ସାମାଜିକ ଜୀବନଧାରାର ଉଜ୍ଜ୍ୱଳ ପ୍ରତୀକ : ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, ସେପ୍ଟେମ୍ବର ୦୮ – 'ନୂଆଁଖାଇ' ଆମର ସାଂସ୍କୃତିକ, ଆଧାତ୍ମିକ ଓ ସାମାଜିକ ଜୀବନଧାରାର ଉଜ୍ଜ୍ୱଳ ପ୍ରତୀକ । ଏହି ପର୍ବ ସମସ୍ତଙ୍କୁ ମିଳିମିଶି କରି ରହିବାର ମହତ ବାର୍ତ୍ତା ଦେଉଛି । ସମ୍ବଲପୁର ଲୋକସଭାର ସେବକ ଭାବେ ଦାୟିତ୍ୱ ନେବା ପରେ ମା' ସମଲେଇଙ୍କ ଆଶୀର୍ବାଦ ନେଇ ନୂଆଁଖାଇ ପାଳନ କରିବା ମୋ ପାଇଁ ସୌଭାଗ୍ୟର ବିଷୟ ବୋଲି ରବିବାର ସମ୍ବଲପୁରରେ ନୂଆଁଖାଇ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନୂଆଁଖାଇ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଏବଂ ବ୍ୟକ୍ତିବିଶେଷଙ୍କ ସହ ମା'ସମଲେଶ୍ୱରୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ । ପରେ ସେଠାରେ ମନ୍ଦିର ପରିସରରେ ନବାନ୍ନ ଗ୍ରହଣ କରିଥିଲେ । ନନ୍ଦପଡ଼ା ଠାରେ ଅବସରପ୍ରାପ୍ତ କୃଷି ଅଫିସର ମଦନ ମୋହନ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣ ମଞ୍ଜରୀ ମିଶ୍ରଙ୍କ ପରିବାର ସଦସ୍ୟଙ୍କ ସହିତ ମଧ କେନ୍ଦ୍ରମନ୍ତ୍ରୀ ନିଜେ ନବାନ୍ନ ଖାଇଥିଲେ । ଏହାବ୍ୟତିତ ସମ୍ବଲପୁର କ୍ଷେତରାଜପୁର ଠାରେ 'ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବା ମଞ୍ଚ' ଦ୍ୱାରା ଆୟୋଜିତ "ନୂଆଁଖାଇ ଭେଟଘାଟ୍-୨୦୨୪"ରେ ମଧ ଯୋଗଦେଇଥିଲେ । କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ'ର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଏକତା, ସୌହାର୍ଦ୍ଦ୍ୟ ଓ ସଦଭାବନାର ପର୍ବ ନୂଆଁଖାଇ । କଳା, ସଂସ୍କୃତି, କୃଷି ଓ ଭାଇଚାରାର ଅନନ୍ୟ ପର୍ବ । ଆନନ୍ଦ ଓ ଉଲ୍ଲାସ ମନାଇବାର ମହାନ ଅବସର । ଓଡ଼ିଶାର ପାରମ୍ପରିକ ପର୍ବ 'ନୂଆଁଖାଇ'ରେ ନବାନ୍ନର ସ୍ୱତନ୍ତ୍ରତା ରହିଛି । ପରିବାର ସଦସ୍ୟଙ୍କ ସହ ମିଳିମିଶି କରି ଖାଇବା ସହ ସମାଜରେ ସୁଖ, ଶାନ୍ତି ଓ ପ୍ରତିଷ୍ଠାର ମହତ ବାର୍ତ୍ତା ଦେଉଛି ନୂଆଁଖାଇ । ସମ୍ବଲପୁର ଲୋକସଭାର ସେବକ ଭାବେ ଦାୟିତ୍ୱ ନେବା ପରେ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ନୂଆଁଖାଇ ପାଳନ କରିବା ମୋ ପାଇଁ ଆନନ୍ଦର ବିଷୟ । ସମାଜ ନିର୍ମାଣରେ କୃଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନୂଆଁଖାଇ ଭଳି ଦିନରେ କୃଷକବନ୍ଧୁଙ୍କ ବିକାଶ ପାଇଁ ଆଜି ଓଡ଼ିଶାରେ ସି.ଏମ୍ କିଷାନ ଯୋଜନାର ଶୁଭାରମ୍ଭ ସହ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଆନୁଷ୍ଠାନିକ ଭାବେ ହେବା ଯୁଗାନ୍ତକାରୀ ପଦକ୍ଷେପ । ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ଆମ ଓଡ଼ିଶା ଓ ଭାରତ ଆହୁରି ପ୍ରଗତି ପଥରେ ଯାଉ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଲ୍ଲେଖନୀୟ ଯେ, ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଅଯୋଧ୍ୟା ସରୋବର ହାଟପଡା ଘାଟ ଠାରେ ମୁଖ୍ୟମନ୍ତ୍ରୀଙ୍କ ସହ ସମ୍ବଲପୁରର ମହାନଦୀ କୂଳବର୍ତ୍ତୀ ଅଞ୍ଚଳକୁ 'ରିଭରଫ୍ରଣ୍ଟ୍ ଡେଭଲପମେଣ୍ଟ ପ୍ରୋଜେକ୍ଟ' ଯୋଜନାରେ ବିକଶିତ କରିବା ଉପରେ ଆଲୋଚନା କରିଥିଲେ । ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ସମ୍ବଲପୁର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ କାର୍ଯ୍ୟର କେନ୍ଦ୍ରବିନ୍ଦୁ ହୋଇପାରିବ ବୋଲି କହିଥିଲେ । ଏହି ସବୁ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଜଳେଶ୍ୱରରେ ନୂଆଖାଇ ଭେଟଘାଟ ପାଳିତ




ଜଳେଶ୍ୱର ୮/୯ (ନିପ୍ର) : ଓଡିଶାର ଗଣପର୍ବ ନୂଆଖାଇ ସମଗ୍ର ରାଜ୍ୟରେ ମହାଆଡମ୍ବରରେ ପାଳିତ ହେଉଥିବା ବେଳେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ପ୍ରତିବର୍ଷପରି ଚଳିତବର୍ଷ ନୂଆଖାଇ ଭେଟଭାଟ କାର୍ଯ୍ୟକ୍ରମ ମହାଆଡମ୍ବରରେ ନନ୍ଦକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ସାଂଗଠନୀକ ସଂପାଦକ ମନୋରଂଜନ ଦାସ ସଂଯୋଜନା କରିଥିବା ବେଳେ କେନ୍ଦ୍ରୀୟ ସଂପାଦକ କମଳ ଚକ୍ରବର୍ତ୍ତୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶାଖାର ସଭାପତି ତଥା ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀକାନ୍ତ ପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଏସ୍‌ଡିପିଓ ଦିଲ୍ଲିପ ସାହୁ , ମୁଖ୍ୟବକ୍ତାଭାବେ ଶ୍ୟାମସୁନ୍ଦର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତିଶ ଚନ୍ଦ୍ର ପଣ୍ଡା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇ ଏପରି କାର୍ଯ୍ୟକ୍ରମର ତତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ ସ୍ତମ୍ଭକାର ସୁଦର୍ଶନ ଦାସ ଯୋଗଦେଇ ଏପରି ଭିନ୍ନସ୍ୱାଦର ଉତ୍ସବ ଦ୍ୱାରା ପ୍ରକୃତି ସହିତ ସୁସଂପର୍କ ଅର୍ଥାତ ମାଟି, ଜଂଗଲ, ନଦୀ, ଫସଲକୁ ରକ୍ଷା କରିବା ଏହା ଏକ ମାଧ୍ୟମ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶାଖା ସଂପାଦକ ସୁନିଲ ନାୟକ, ବରିଷ୍ଠ ସଦସ୍ୟ ଡ. ଲଳିତରଂଜନ ସେନାପତି, ବଣିକ ସଭାପତି ସୁଧିର ମହାନ୍ତି, ବିଷ୍ଣୁପଦ ମହାନ୍ତି, କପିଳେଶ୍ୱର ମହାନ୍ତି, ସିଡିପିଓ ଚମ୍ପାମଣି ମୁର୍ମୁ, ସାମ୍ବାଦିକ ଦ୍ୱାରକେଶ ପଟ୍ଟନାୟକ,ଡ. ରମାକାନ୍ତ ଭଂଜ, ସୁକୁମାର ରଣା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ପଶ୍ଚିମ ଓଡିଶାର ଲୋକନାଥ ଛନ୍ଦ, ବନକୁମାର ସମରଥ, ବାଲିଭତ୍ରାକୁ ଉଲ୍ଲେଖନୀୟ ସେବାପାଇଁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଆଂଚଳିକ ପ୍ରତିଭା ଭାବେ ବିଶିଷ୍ଟ ଲୋକକଳା ଶିଳ୍ପୀ ହାଡିବଂଧୁ ବେହେରା, ତବଲା ବାଦକ ଡ. ରାଧାଶ୍ୟାମ ବେହେରା, ଗଛ ମଣିଷ ନରହରି ବେହେରା, ଆନ୍ତର୍ଜାତୀୟ ଚିତ୍ରଶିଳ୍ପୀ ମୁକ୍ତିପଦ ନନ୍ଦୀ, ସାମାଜିକ କର୍ମୀ,ଶ୍ରୀପଦ ବେହେରା,ମେଆଇ ହେଲ୍ପ ୟୁ, କାର୍ଯ୍ୟରତ କେତେକ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା । ଉକ୍ତ ଉତ୍ସବରେ ମା ସମଲେଶ୍ୱରୀଙ୍କ ନୈବେଦ୍ୟ ନବାନ୍ନ ବଣ୍ଟନ ବଣ୍ଟନ ହୋଇଥିଲେ । ଉତ୍କଳ ସମ୍ମିଳନୀ ପକ୍ଷରୁ ତାରିଣୀଛକଠାରୁ ଏକ ଶୋଭାଯାତ୍ରା ଭିନ୍ନକ୍ଷମ ବିଦ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା । କାର୍ଯ୍ୟକ୍ରମକୁ ଅଶୋକ ଦାସ, ଅଜୟ ମହାପାତ୍ର, ଭିନ୍ନକ୍ଷମ ଅନୁଷ୍ଠାନର ଛିକ୍ଷକ, ଶିକ୍ଷୟତ୍ରୀ ପରିଚାଳନା କରିଥିଲେ ।

# ଆସନ୍ତା ୧୪ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, ତା୮/୦୯ : (ନି.ପ୍ର) ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧୀକରଣର ସଚିବ ନେହା ଅଗ୍ରୱାଲ ସୂଚନା ଦେଇଛନ୍ତି ଯେ ଜିଲ୍ଲା କୋର୍ଟ ପରିସର, ନଳାଙ୍ଗ, ଭଦ୍ରକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଚଳିତ ମାସ ୧୪ ତାରିଖ ଦିବା ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ। ବିଚାରପତିମାନେ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ରହି ପଞ୍ଜିକୃତ ହୋଇଥିବା ଦେୱାନୀ, ଫୌଜଦାରୀ, ପାରିବାରିକ, ମୋଟର ଯାନ ଦୁର୍ଘଟଣା, ବ୍ୟାଙ୍କ ଋଣ ଜନିତ ମାମଲାଗୁଡ଼ିକର ଫଇସଲା କରାଯିବ। ଦରିଦ୍ର, ନିଷ୍ପେଶିତ ଓ ଅବହେଳିତ ତଥା ଗ୍ରାମାଞ୍ଚଳର ଲୋକମାନେ ଏହି ଅଦାଲତରେ ଯେପରି ବିନା ମୂଲ୍ୟରେ ନ୍ୟାୟ ପାଇପାରିବେ। ଲୋକ ଅଦାଲତ ମାଧ୍ୟମରେ ଅସମାହିତ ମୋକଦ୍ଦମା ଗୁଡ଼ିକର ଫଇସଲା କରାଯିବ। ଏହାର ସୁବିଧା ଯେପରି ଲୋକମାନେ ପାଇପାରିବେ ଓ ଏହାର ପ୍ରଚାର, ପ୍ରସାର ମାଧ୍ୟମରେ ଅଧିକରୁ ଅଧିକ ଲୋକ ଉପକୃତ ହୋଇପାରିବେ। ସେଥିପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ପ୍ରଚେଷ୍ଟା ଜାରି ରଖିଛି। ଜନସାଧାରଣ କୌଣସି ଦ୍ୱନ୍ଦ ବା ଭୟଭୀତ ନହୋଇ ଏ ଦିଗରେ ଆଗେଇ ଆସିବାକୁ ନିବେଦନ କରାଯାଇଛି। ଏହାଦ୍ୱାରା ବହୁ ଲୋକ ଉପକୃତ ହୋଇପାରିବେ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ସଚିବ ନେହା ଅଗ୍ରୱାଲ ଆଶା ପୋଷଣ କରିଛନ୍ତି।

# ମା ପାଟଣେଶ୍ୱରୀ ଓ ମା ସମଲେଶ୍ୱରୀଙ୍କୁ ଲାଗିହେଲା ନବାନ୍ନ

ବଲାଙ୍ଗୀର, , ୮/୯ (ନି.ପ୍ର): କୃଷିଭିତିକ ମହାନ ଗଣପର୍ବ ନୂଆଖାଇ ପାଇଁ ଆଜି ଉତ୍ସବମୁଖର ହୋଇଉଠିଛି ସମଗ୍ର ପଶ୍ଚିମ ଓଡ଼ିଶା । ରବିବାର ଭାଦ୍ରବ ଶୁକ୍ଳପକ୍ଷ ପଂଚମୀ ତିଥିରେ ବିଶୁଦ୍ଧ ତୁଳା ଲଗ୍ନେ ଶୁଭବେଳା ଦିନ ୯ଟା ୩୫ ମିନିଟ୍ ରୁ ୧୦ଟା ୭ ମିନିଟ ମଧ୍ୟରେ ବଲାଙ୍ଗିରର ଅଧିଷ୍ଠାତ୍ରୀ ଦେବୀ ମା ପାଟଣେଶ୍ୱରୀ ଓ ମା ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହୋଇଛି । ପୂର୍ବରୁ ସ୍ଥିରୀକୃତ ହୋଇଥିବା ଏହି ଲଗ୍ନରେ ମାଙ୍କୁ ନବାନ୍ନ ଲାଗି ହୋଇଛି । ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ଲାଗି ପରେ ପରମ୍ପରା ଅନୁଯାୟୀ ସମସ୍ତେ ନୂଆ ଖାଇଛନ୍ତି । ଏହି ଅବସରରେ ନବବସ୍ତ୍ର ପରିଧାନ ପୂର୍ବକ ଘରର ସାନ ମାନେ ଗୁରୁଜନଙ୍କୁ ଜୁହାର କରିଛନ୍ତି । ବଲାଙ୍ଗିର ଶୈଳଶ୍ରୀ ପ୍ୟାଲେସ୍ ରେ ବର୍ତମାନର ଉପମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜ କନକବର୍ଦ୍ଧନ ସିଂହଦେଓ ଏବଂ ତାଙ୍କ ଧର୍ମପତ୍ନୀ ବଲାଙ୍ଗିର ସାଂସଦ ତଥା ମହାରାଣୀ ସଙ୍ଗୀତା କୁମାରୀ ସିଂହଦେଓ, କନକବର୍ଦ୍ଧନଙ୍କ କାକା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗଉଦୟ ସିଂହଦେଓ, ଅନଙ୍ଗଙ୍କ ପୁତ୍ର ତଥା ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏବଂ ତାଙ୍କ ପରିବାରର ଅନ୍ୟ ସଦସ୍ୟ ମାନେ ନବାନ୍ନ ଭକ୍ଷଣ କରିଛନ୍ତି ।

# 'ଆଶା' ଦ୍ୱାରା ବିଶ୍ୱ ଫିଜିଓ ଥେରାପି ଦିବସ ପାଳିତ

ବସ୍ତା ୦୮/୦୯/(ନିପ୍ର) ରିଖରେ ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଜଳକା ପ୍ରୋଜେକ୍ଟ ସାନଖୁଡ଼ି ଠାରେ ଅବସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା' ଦ୍ୱାରା ପରିଚାଳିତ ଏଲିନା ଏଲିଶା ମାନସିକ ବିଦ୍ୟାଳୟ, ଆଶା ଫିଜିଓ ଥେରାପିଉଟିକ କେନ୍ଦ୍ର ଓ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୁକ ଓ ବଧିର ଆବାସିକ ବିଦ୍ୟାଳୟରେ ବିଶ୍ୱ ଫିଜିଓ ଥେରାପି ଦିବସ ପାଳିତ ହୋଇଯାଇଛି। ଆଶା ର ପ୍ରତିଷ୍ଠାତା, ସମ୍ପାଦକ,ଯୁବ ସମାଜସେବୀ ଏବଂ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଅମର କୁମାର ପାଲ ପୌରହିତ୍ୟ କରିବା ସହିତ ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତି ବିଶ୍ୱାଳ ,ଡଃ ପ୍ରଦ୍ୟୁମ୍ନ କୁମାର ଗିରି( ଫିଜିଓ ଥେରାପିଷ୍ଟ), ଡଃ ଶୀତଳ। ଦାସ (ଫିଜିଓ ଥେରାପିଷ୍ଟ) ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ପାଲ ବର୍ତ୍ତମାନ ସମାଜରେ ଫିଜିଓ ଥେରାପିର ଆବଶ୍ୟକତା କେତେ ଗୁରୁତ୍ୟପୂର୍ଣ୍ଣ ତଥା ଏହାର ଉପାଦେୟତା ବିଷୟରେ ସୌମ୍ୟକ ଆଲୋକପାତ କରିଥିଲେ। ଡ଼ଃ ଗିରି ଫିଜିଓ ଥେରାପିର ଉପାଦେୟତ। ତଥା ଚିକିତ୍ସା ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଡଃ ଶିତଳା ଦାସ ଫିଜିଓ ଥେରାପି କିଭଳି ଲୋକ ମାନଙ୍କର କାର୍ଯ୍ୟରେ ଆସେ ଓ ଲୋକମାନେ କିଭଳି ଏଥିରୁ ଉପକୃତ ହୁଅନ୍ତି ବର୍ଣ୍ଣନା କରିଥିଲେ । ଏଥିରେ ଏ ଏମ୍ ପ୍ରଜ୍ଞା ପ୍ରକାଶ ପାଳ,ଏଲିନା ଏଲିଶା ପାଳ, ସୁମନା ପରିଡ଼ା,ଗୋପାଳ ଆଇଚ,ଅରୁଣ କୁମାର ଦାସ, ପ୍ରଦୀପ କୁମାର ସାହୁ,ଗଜେନ୍ଦ୍ର ନାଥ ପ୍ରଧାନ,ସ୍ମିତାରାଣୀ ମହାପାତ୍ର,ଭକ୍ତ ରଞ୍ଜନ ସାହୁ, ନିର୍ମଳା ବାସିନୀ ସେନାପତି, ଅପର୍ଣା ରାଉତ,ଗୌରାଙ୍ଗ ଚରଣ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଶ୍ରୀମତୀ ମାଞ୍ଜୁବତି ବିଶ୍ୱାଳ ଏହି ଦିନଟିର ଗୁରୁତ୍ୱ , ସାମାଜିକ ସଚେତନତା ଉପରେ ଗୁରୁତ୍ୟାରୋପ ଓ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ବାଂଲାଦେଶର ଜାତୀୟ ସଙ୍ଗୀତ ବଦଳାଇବାକୁ ଜମାତର ଦାବି ଉପରେ ଅନ୍ତରିଣ ସରକାର କୌଣସି ବିବାଦୀୟ ପଦକ୍ଷେପ ଗ୍ରହଣ କରିବେ ନାହିଁ

ଢାକା, ୮/୦୯ : ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶର ଅନ୍ତରିମ ସରକାର ତରଫରୁ ସ୍ପଷ୍ଟ କରିଛନ୍ତି ଯେ ଦେଶର ଜାତୀୟ ସଙ୍ଗୀତ ବଦଳାଇବାର କୌଣସି ଯୋଜନା ନାହିଁ। ସରକାର ସେହି କଳ୍ପନାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରିଛନ୍ତି,ଯେଉଁଥିରେ କୁହାଯାଉଥିଲା ଯେ ବାଂଲାଦେଶର ଜାତୀୟ ସଙ୍ଗୀତ ପରିବର୍ତ୍ତନ କରାଯାଇପାରେ। ସୁପ୍ରସିଦ୍ଧ ଲେଖକ ରବିନ୍ଦ୍ର ନାଥ ଟାଗୋରଙ୍କ ରଚନା "ଆମାର ସୋନାର ବାଂଲା"କୁ ବାଂଲାଦେଶ ନିଜର ଜାତୀୟ ସଙ୍ଗୀତରେ ପରିଣତ କରିଛି। ଯାହାକୁ ପରିବର୍ତ୍ତନ କରିବାକୁ ଦେଶର କଠୋରପନ୍ଥୀ ସଂଗଠନ ଦାବି କରୁଛନ୍ତି। ଦ୍ମା ନଦୀର ଉତ୍ତର କୁଳରେ ଥିବା ରାଜଶାହୀରେ ଶନିବାର ଇସଲାମିକ ଫାଉଣ୍ଡେସନ ଗ୍ରସ୍ତ କରିବା ପରେ ଧାର୍ମିକ ପରାମର୍ଶ ଦାତା ଅବୁଲ ଫେଜ ମୁହମ୍ମଦ ଖାଲିଦ ହୁସେନ ଦାବି କରିଛନ୍ତି ଯେ ଅନ୍ତରିଣ ସରକାର ବିବାଦ ସୃଷ୍ଟି କରିବାର କୌଣସି ପଦକ୍ଷେ ଉଠାଇବେ ନାହିଁ। ସରକାର ସମସ୍ତଙ୍କ ସହଯୋଗରେ ବାଂଲାଦେଶ ଗଠନ କରିବାକୁ ଚାହାଁନ୍ତି।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ସମ୍ବଲପୁରରେ ସି.ଏମ କିଷାନ ସହାୟତା...

ଏହି ଯୋଜନାର ହିତାଧିକାରୀ ଚୟନ ପ୍ରକ୍ରିୟା କାର୍ଯ୍ୟକୁ ଦୁଇ ମାସ ବୃଦ୍ଧି କରି ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ବ୍ଲକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ନାମ ପଞ୍ଜିକରଣ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ କୃଷକ ମାନେ ଜନ ସେବା କେନ୍ଦ୍ର ମାଧ୍ୟମରେ ନିଶୁଳ୍କ ଭାବେ ସମ୍ପାଦନ କରି ପାରିବେ। ଆଜି ଲୋକାର୍ପିତ ହୋଇଥିବା ସିଏମ କିଷାନ ପୋର୍ଟାଲ ମାଧ୍ୟମରେ ଉଭୟ ସିଏମ କିଷାନ ଓ ପିଏମ କିଷାନ ଅନଲାଇନ କାର୍ଯ୍ୟ ସମ୍ପାଦିତ ହେବ ବୋଲି ସେ କହିଥିଲେ। ଏଥି ସହିତ ରାଜ୍ୟର ସମସ୍ତ ଚାଷୀ ମାନଙ୍କ ସୁବିଧା ପାଇଁ ଆଜିଠାରୁ କୃଷକ ଓଡିଶା ୟୁନିଫାଏଡ ପୋର୍ଟାଲ ର ବ୍ୟବସ୍ଥା କରାଯାଇଛି । ଏହା ମାଧ୍ୟମରେ ଚାଷୀ ମାନେ ବିଭିନ୍ନ କୃଷି ଓ ଆନୁସଙ୍ଗିକ କାର୍ଯ୍ୟ ସମ୍ପର୍କୀୟ ପ୍ରଚଳିତ ସରକାରୀ ଯୋଜନା ବିଷୟରେ ତଥ୍ୟ ଜାଣିପାରିବା ସହିତ ଏଥିରୁ ମିଳୁଥିବା ସୁବିଧା ପାଇଁ ମଧ ଆବେଦନ କରି ପାରିବେ। ସେ ପୁଣି କହିଥିଲେ ରାଜ୍ୟର ଚାଷୀ ମାନଙ୍କର ଧାନ ଚାଷରେ ହେଉଥିବା କ୍ଷତିକୁ ଭରଣା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷକ ସମୃଦ୍ଧି ଯୋଜନା ପ୍ରଚଳନ କରାଯାଇଛି। ଏହି ଯୋଜନାରେ ଧାନ ସଂଗ୍ରହ ମୂଲ୍ୟରେ ୮୦୦ ଟଙ୍କା ବୃଦ୍ଧି କରାଯାଇ କୁଇଣ୍ଟାଲ ପିଛା ସଂଗ୍ରହ ମୂଲ୍ୟ ୨୩୦୦ ଟଙ୍କାରୁ ୩୧୦୦ଟଙ୍କା ଧାର୍ଯ୍ୟ କରାଯାଇଛି । ଏହା ଖୁବ କମ ଦିନ ମଧ୍ୟରେ କାର୍ଯ୍ୟକାରୀ କରାଯିବ। ସେ ଆହୁରି ମଧ କହିଥିଲେ ଯେ ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଚାହୁଁଛନ୍ତି ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ । ସେଥିପାଇଁ ବିକାଶର ଧାରା ଜାରି ରହିଛି। ମାନ୍ୟବର ପ୍ରଧାନମନ୍ତ୍ରୀ କୃଷକମାନଙ୍କୁ ଅନ୍ନଦାତା ବୋଲି କହିଛନ୍ତି। ସେଥିପାଇଁ କୃଷକ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ସେ କାର୍ଯ୍ୟକାରୀ କରୁଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଚାଷୀ ଭାଇ ମାନଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ଆମ ସରକାର ପ୍ରସ୍ତୁତ ଅଛନ୍ତି। କୃଷିଜାତ ସାମଗ୍ରୀର ଅଭାବୀ ବିକ୍ରୀକୁ ରୋକିବା ପାଇଁ ରାଜ୍ୟର ପ୍ରତି ସବ୍‌ଡିଭିଜନରେ ଶୀତଳଭଣ୍ଡାର ବ୍ୟବସ୍ଥା କରାଯାଉଛି। ଓଡିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଓଡିଶା ସମୃଦ୍ଧି ପଥରେ ଦୃତ ଅଗ୍ରସର ହେଉଛି ବୋଲି ସେ କହିଥିଲେ। ଓଡିଶାର ଚାଷୀ ମାନଙ୍କ ଜୀବନରେଖା ହେଉଛି ହୀରାକୁଦ ବନ୍ଧ। ହୀରାକୁଦ କମାଣ୍ଡ ଏରିଆରେ ଜଳ ସେଚନ ସୁବିଧା ନିମନ୍ତେ ୮୫୫ କୋଟି ଟଙ୍କାର ବ୍ୟୟ ଅଟକଳ କ୍ୟାବିନେଟରେ ମଞ୍ଜୁର ହୋଇଛି। ଏହା କାର୍ଯ୍ୟକାରୀ ହେଲେ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ସେଚନ ସୁବିଧା ହେବ ବୋଲି ସେ କହିଥିଲେ। ପଶ୍ଚିମ ଓଡିଶାକୁ ଆମ ସରକାର ବହୁ ଗୁରୁତ୍ୱ ଦେଉଛନ୍ତି ବୋଲି କହି ଗୁଜୁରାଟର ସାବରମତୀ ରିଭରଫ୍ରଣ୍ଟ ପରି ମହାନଦୀ ରିଭରଫ୍ରଣ୍ଟକୁ ମଧ ବିକଶିତ କରାଯିବ। ଏଥି ସହିତ ସମ୍ବଲପୁରବାସୀଙ୍କ ଦୀର୍ଘଦିନର ଦାବିଥିବା ଦ୍ୱିତୀୟ ଏମ୍‌ସ ସ୍ଥାପନକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାରଙ୍କ ପାଖରେ ଆମେ ଦାବି ରଖିଛୁ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ ଯେ ଆମ ସରକାରଙ୍କ ପ୍ରାଥମିକତାରେ ଚାଷୀ, ମହିଳା, ଅନୁସୂଚିତ ଜାତି ଏବଂ ଜନଜାତି ରହିଛନ୍ତି । ସେମାନଙ୍କ ସାମଗ୍ରୀକ ବିକାଶ ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି। ଆଜି କୃଷକ କଲ୍ୟାଣର ଏହି ଅନନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଆସିଛନ୍ତି । ଏହି ଅଞ୍ଚଳ ଆଜି ଓଡିଶାର ଭାତ ହାଣ୍ଡି । ଏହି ଅଞ୍ଚଳକୁ କୃଷିଭିତ୍ତିକ କାର୍ଯ୍ୟକ୍ରମରେ ଆହୁରି ଆଗକୁ ବଢେଇ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ଏହି ପଦକ୍ଷେପ। ଶାସନକୁ ଆସିବାର ଶହେ ଦିନ ମଧ୍ୟରେ ସନ୍ତୁଳିତ ବିକାଶକୁ ଦୃଷ୍ଟିରେ ରଖି ହୀରାକୁଦ ଆୟକଟ୍ ଅଞ୍ଚଳର ସବୁ ଜାଗାକୁ ୯୦୦ କୋଟି ଟଙ୍କା ବିନିଯୋଗରେ ଜଳସେଚନ ସୁବିଧା କରିବା ପାଇଁ ବ୍ୟବସ୍ଥା କରାଯାଇଛି ମହାନଦୀ ପାଣି ସମ୍ବଲପୁର ଅଞ୍ଚଳରେ ଭରି ରହିଲେ ଅଞ୍ଚଳର ଶ୍ରୀ ବୃଦ୍ଧି ହେବ, ବୃଓଙ୍ଗ ଜଳସେଚନ ପ୍ରକଳ୍ପକୁ ମଞ୍ଜୁରୀ ମିଳିଲା।, ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେଲା, ଏହି ଯୋଜନାରେ ୧କୋଟି ମହିଳା ସଶକ୍ତ ହେବେ। ପୂର୍ବରୁ କୌଣସି ଯୋଜନାର ଆକାର ୧କୋଟି ଛୁଇଁନଥିଲା ବୋଲି ସେ କହିଥିଲେ। ଏଥି ସହିତ ସମ୍ବଲପୁରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆଭାସୀ ମାଧ୍ୟମରେ ପାଟଣାଗଡରୁ ଯୋଡିହୋଇ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଥିଲେ ଯେ ନୂଆଁଖାଇ ଓ ଅକ୍ଷୟ ତୃତୀୟା ତିଥିରେ ଦୁଇଟି କିସ୍ତି ଜରିଆରେ ସିଏମ କିଷାନ ସହାୟତା ପ୍ରଦାନ କରାଯିବ। ଆଗାମୀ ଦିନରେ ନିଶ୍ଚିତ ଭାବେ କୃଷକମାନେ ଏହା ଦ୍ୱାରା ଉପକୃତ ହେବେ। ଏଥି ସହିତ ସହରାଞ୍ଚଳରେ ରହୁଥିବା ୬ଲକ୍ଷ ଚାଷୀ ପିଏମ କିଷାନରେ ଆଗାମୀ ଦିନରେ ଅନ୍ତର୍ଭୁକ୍ତ ହେବେ। ଚାଷୀ ମାନଙ୍କୁ ତାଙ୍କ ଅଧିକାର ଯୋଗାଇ ଦେବାପାଇଁ ଆମେ ସମସ୍ତେ ଉଦ୍ୟମ କଲେ ସେମାନେ ନିଶ୍ଚିତ ରୂପେ ଆଗକୁ ବଢିବେ ବୋଲି ସେ କହିଥିଲେ। ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ଆଜି ସମ୍ବଲପୁର ପାଇଁ ଏକ ଗୌରବର ଦିନ। ମୁଖ୍ୟମନ୍ତ୍ରୀ ଆସି ଏଠାରେ ଆମ ସହିତ ମିଶି ନୂଆଁ ଖାଇଲେ। ଏଠାରୁ ସିଏମ କିଷାନ ସହାୟତା ଯୋଜନା ଆରମ୍ଭ କଲେ। ରାଜ୍ୟର ଚାଷୀ ଭାଇ ଭଉଣୀମାନଙ୍କୁ କୃଷି କ୍ଷେତ୍ରରେ ସଶକ୍ତ କରିବା ପାଇଁ ଆମ ସରକାର କାମ କରୁଛି। ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଏବେ ମହାନଦୀରୁ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚିବ। ସମସ୍ତଙ୍କ ସହଯୋଗରେ ଆମେ ଚାଷୀ ଓ ଓଡିଶାର ବିକାଶ ଚାହୁଁଛୁବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବିଧାୟକ ଶ୍ରୀ ଜୟ ନାରାୟଣ ମିଶ୍ର, ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା, ଆରଡିସି ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ। ପୁରୀରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ପ୍ରଭାତି ପରିଡା ଏବଂ ବିଭିନ୍ନ ଜିଲ୍ଲାରୁ ମନ୍ତ୍ରୀ, ସାଂସଦ ଏବଂ ବିଧାୟକଙ୍କ ସହିତ ଲୋକସେବା ଭବନରୁ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ। କେନ୍ଦୁଝରର ହିତାଧିକାରୀ ଶ୍ରୀ ଶରତ କୁମାର ସୋରେନ୍, ପାଟଣାଗଡର ହିତାଧିକାରୀ ଶ୍ରୀ ବିଶ୍ୱଜିତ ହୋତା ଏବଂ ସମ୍ବଲପୁରର ହିତାଧିକାରୀ ମୈଥିଳି ଭୁଏ ମୁଖ୍ୟମନ୍ତ୍ରୀଙ୍କୁ ଏହି ସିଏମ କିଷାନ ଯୋଜନାରେ ଉପକୃତ ହେବେ ବୋଲି କହି ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଧନ୍ୟବାଦ ଦେଇଥିଲେ।

### ଉନ୍ମୋଚିତ ହେଲା ପଣ୍ଡିତ ନିରଞ୍ଜନ ପଣ୍ଡାଶର୍ମା...

ଏହି ଅବସରରେ ଗଛମଣିଷ ରବୀନ୍ଦ୍ର ବେହେରାଙ୍କୁ 'ପ୍ରକୃତି ପୁତ୍ର ମହାଦ୍ରୁମ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିବାବେଳେ 'ବାଣୀକଣ୍ଠ ରତ୍ନ' ଉପାଧି କବି କାଳୀପଦ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା । ସର୍ବପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ବେଦମନ୍ତ୍ର ପାଠ କରାଯାଇଥିଲା । ଉତ୍ସବ ଆରମ୍ଭରେ ଲେଖକଙ୍କର ଦ୍ୱିତୀୟ କନ୍ୟା ଉଦଳା ଏନ୍‌ଏସିର ନଗରପାଳ ପ୍ରମିଳା ପଣ୍ଡା ଅତିଥି ମାନଙ୍କର ପରିଚୟ ଦେବା ସହ ସଭାମଞ୍ଚ ପରିଚାଳନା କରିଥିଲେ ଓ ପ୍ରଥମେ କବି ପଣ୍ଡିତ ନିରଞ୍ଜନ ପଣ୍ଡାଶର୍ମା ଲେଖକୀୟ ବକ୍ତବ୍ୟ ରଖିଥିଲେ । ସଭା ଶେଷରେ ପୁତ୍ର ଓମ୍‌ପ୍ରକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସଂଗୀତ ପରିବେଷଣ କରିଥିଲେ ମଧୁସ୍ମିତା, ସଂଜୟ ବେହେରା ଓ ଅନ୍ୟ ସାଥୀମାନେ । ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ବୀଣାପାଣି ବିଦ୍ୟାପୀଠର ଛାତ୍ରୀ ଭବ୍ୟସ୍ମିତା ପଣ୍ଡା । ଶେଷରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା ।

# ବେତନଟୀ ପ୍ରିମିୟର୍ ଲିଗ୍ ପାଇଁ ପ୍ରସ୍ତୁତି

ବେତନଟୀ, ୮/୯ (ନି.ପ୍ର): ବେତନଟୀ କ୍ରିକେଟ୍ କ୍ଲବ୍ ପକ୍ଷରୁ ଆୟୋଜନ ହେବାକୁ ଥିବା ବେତନଟୀ ପ୍ରିମିୟର୍ ଲିଗ୍ ସିଜନ୍-୧୧ ପାଇଁ ପ୍ରସ୍ତୁତି ବୈଠକ ଆଜି ସ୍ଥାନୀୟ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କ୍ଲବ୍ ଉପ ସଭାପତି ଦିଲ୍ଲୀପ ରାଉତ ସଭାପତିତ୍ୱ କରିଥିଲେ । ପ୍ରିମିୟର ଲିଗରେ ୬ଟି ଦଳ ଅଂଶଗ୍ରହଣ କରିବେ। ଏଥର ବାହାନଡ଼ା ଟାଇଗର ମାଲିକ ପ୍ରିୟ ଜିତ ନାୟକ ଥିବା ବେଳେ ଆଇକନ୍ ଖେଳାଳି ଭାବେ ଚିନ୍ମୟ ପଣ୍ଡିତ , ମାଣତ୍ରୀ ଟାଇଟନ୍ ?ର ମାଲିକ ଛତିଶ କୁମାର ସାହୁ ଥିବା ବେଳେ ଆଇକନ ଖେଳାଳି ଅନୁପ କୁମାର ପରିଡ଼ା , ବଡ଼ସାହି ମା ଦୁର୍ଗା ଫାଇଟର ମାଲିକ ରତିକାନ୍ତ ମହାନ୍ତ ଥିବା ବେଳେ ଆଇକନ୍ ଖେଳାଳି ସଞ୍ଜୟ କୁମାର ପରିଚ୍ଛା, ୧୧- ଷ୍ଟାର୍ ମୋରଡ଼ାର ମାଲିକ ସୌମ୍ୟ ମହାପାତ୍ର ଥିବା ବେଳେ ଆଇକନ୍ ଖେଳାଳି ସାଗର ଭୋଇ, ଦାନୀ-୧୧ ପାରିଆକୁଲିର ମାଲିକ ବିକ୍ରମ କେଶରୀ ବେହେରା ଥିବା ବେଳେ ଆଇକନ୍ ଖେଳାଳି ମନୋଜ କୁମାର ସି, ଆରିଅନ ଫାଇଟର ମାଲିକ ରାଜୀପ କୁମାର ପାତ୍ର ଥିବା ବେଳେ ଆଇକନ ଖେଳାଳି ସରୋଜ କୁମାର ଭୋଇ ଅଛନ୍ତି। ଏହି ପ୍ରିମିୟର ଲିଗ୍‌ର ଖେଳାଳି ନିଲାମ ପ୍ରକ୍ରିୟା ଅକ୍ଟୋବର ୨୦ ତାରିଖରେ ଥିବା ବେଳେ ଡିସେମ୍ବର ୧୬ ରେ ପ୍ରିମିୟର୍ ଲିଗ୍ ଆରମ୍ଭ ହେବ ବୋଲି ସ୍ଥିର ହୋଇଛି । ପ୍ରସ୍ତୁତି ବୈଠକରେ କ୍ଲବ୍ ?ର ପ୍ରକାଶ ଜ୍ୟୋତି ଆଦିତ୍ୟ, ସଞ୍ଜୁ ଦ୍ୱିବେଦୀ, ସୁଧାକର ପଣ୍ଡା, କିଶୋର କୁମାର ନାୟକ, ରିଙ୍କୁ ସାହୁ, ସର୍ବେଶ୍ୱର ଦାସ, କେଶବ ନାଥ, ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପୁଟିନଙ୍କ ପରେ ଜର୍ଜିଆ ମଲୌନୀଙ୍କ ବଡ ବୟାନ, ଭାରତ ରୋକିପାରିବ ଋଷ-ୟୁକ୍ରେନ ଯୁଦ୍ଧ

ଲଣ୍ଡନ, , ୮/୯ : ଇଟାଲୀର ପିଏମ ଜର୍ଜିଆ ମଲୌନୀ ଶନିବାର କହିଛନ୍ତି ଯେ, ଋଷ-ୟୁକ୍ରେନ ଯୁଦ୍ଧର ସମାଧାନ ଦିଗରେ ଭାରତ ଓ ଚୀନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତି । ଏହି ସମ୍ମିଳନୀରେ ୟୁକ୍ରେନର ରାଷ୍ଟ୍ରପତି ଭ୍ଲାଦିମର ଜେଲେନସ୍କିଙ୍କୁ ସାକ୍ଷାତ ପରେ ଜର୍ଜିଆ ମଲୌନୀ କହିଛନ୍ତି ଯେ, ଋଷ-ୟୁକ୍ରେନ ସଂଘର୍ଷ ସମାଧାନରେ ଚୀନ ଓ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଖାଦେଇଛି । ସେ କହିଛନ୍ତି ୟୁକ୍ରେନକୁ ଅଲଗା କରି କିମ୍ବା ଏକୁଟିଆ ଛାଡି ଏହି ସଂଘର୍ଷର ସମାଧାନ କେବେ ବି ହୋଇପାରିବନାହିଁ । ଋଷ ରାଷ୍ଟ୍ରପତି ଭ୍ଲାଦିମର ପୁଟିନ ଗୁରୁବାର ଭାରତର ନାମ ସେହି ତିନୋଟି ଦେଶରେ ସାମିଲ କରିଛନ୍ତି, ଯେଉଁମାନଙ୍କ ସହ ୟୁକ୍ରେନ ଯୁଦ୍ଧର ସମାଧାନକୁ ନେଇ ସଂପର୍କରେ ଅଛି ଏବଂ ଏମାନେ ଦେଶର ଏହି ପ୍ରସଙ୍ଗକୁ ସମାଧାନ କରିବା ପାଇଁ ସଚ୍ଚୋଟ ଭାବେ ପ୍ରୟାସ କରୁଥିବା ବେଳେ ଇଟାଲୀ ପିଏମଙ୍କ ଏହି ବୟାନ ସାମ୍ନାକୁ ଆସିଛି ।

# ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ୪୭ତମ ସ୍ୱନକ୍ଷତ୍ର ଦିବସ ପାଳିତ

ବଡ଼ସାହି , ୭/୯ (ନି.ପ୍ର): ସ୍ଥାନୀୟ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ କଲେଜର ପରିଚାଳନା କମିଟିର ସଭାପତି ବିରଞ୍ଚିନାରାୟଣ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦାନ କରି ଆଜିର ସମାଜ ପାଇଁ ଯୁବ ଶକ୍ତିର ଅବଦାନ ବହୁ ଗୁରୁତ୍ୱପୂର୍ଣ୍ଣ । ଯୁବଶକ୍ତି ଜାଗିଲେ ଦେଶର ବିକାଶ ନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ବଡ଼ସାହି ବିଧାୟକ ସନାନତନ ବିଜୁଳି, ସମ୍ମାନୀତ ଅତିଥି ଭାବେ କଲେଜର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିଲେ । ସର୍ବପ୍ରଥମେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇ ଥିବା ବେଳେ କଲେଜର ପ୍ରତିଷ୍ଠା ପ୍ରମୁଖ ଭୂମିକା ନେଇଥିବା ଦିବଗତ ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଇଂରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ କୃପାସିନ୍ଧୁ ମହାକୁଡ଼ କଲେଜର ଇତିବୃତ୍ତି ସଂପର୍କରେ ଆଲୋକପାତ କରିଥିଲେ। ମଂଚାସିନ ଅତିଥିଗଣ, ତାଙ୍କ ବକ୍ତବ୍ୟ ମାଧମରେ କୋଠର ଅଧ୍ୟବସାୟ, ନିରବଚ୍ଛିନ୍ନ ପ୍ରଚେଷ୍ଟା ଲକ୍ଷସ୍ଥିର କଲେ ସଫଳତା ଅବସମ୍ଭାବି ବୋଲି ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲ । ଉତ୍ସବରେ ୨୦୨୪ ପରିରୀକ୍ଷା ଯୁକ୍ତ ଦୁଇ ବିଭାଗର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଜ୍ୟୋତିରାଣୀ ବେହେରା ଓ ଯୁକ୍ତ ତିନି ବିଭାଗର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଗାୟତ୍ରୀ ମହାନ୍ତଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇ ଥିଲା । ରାଜନୀତି ବିଜ୍ଞାନର ଅଧ୍ୟାପକ ବିନୋଦ କୁମାର ପରିଡା ମଂଚ ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ଡ଼କ୍ଟର ଜୀବନ କୁମାର ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ । କଲେଜର ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଓ ଅଧ୍ୟାପକ, ଆଧ୍ୟାପିକା ଏବଂ କର୍ମଚାରୀ ମାନେ ଏଥିରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ।

# ଜଡିବାଲି ହାଇସ୍କୁଲ ୧୯୯୦ ବ୍ୟାଚ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ



ନୀଳଗିରି- ୮/୯ (ନି.ପ୍ର) ନୀଳଗିରି ବ୍ଲକର ଜଡ଼ିବାଲି ପଦ୍ମଲୋଚନ ମୁଣ୍ଡହାଣ ଉଚ୍ଚବିଦ୍ୟାଳୟର ୧୯୯୦ବ୍ୟାଚ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ ଉତ୍ସବ ରବିବାର ପୂର୍ବାହ୍ନ ୧୧ଘଟିକାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ପୁରାତନ ବିଦ୍ୟାର୍ଥୀ ଯୋଗଦେଇଥିବା ବେଳେ, ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ପୂର୍ବତନ ଶିକ୍ଷକ ଏବଂ ବର୍ତ୍ତମାନର ଶିକ୍ଷକ ମଧ ଯୋଗଦେଇଥିଲେ। ପ୍ରଥମେ ଉପସ୍ଥିତ ଅତିଥିଙ୍କ ଦ୍ୱାରା ପରମ ଆରାଧ ଦେବତା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱୋଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା ।ଉକ୍ତ ବ୍ୟାଚର ଛାତ୍ର ତଥା ଆଦାନୀ ଗ୍ରୁପର ଜେନେରାଲ ମ୍ୟାନେଜର ଅଜିତ କୁମାର ପାତ୍ର ମଞ୍ଚ ପରିଚାଳନା କରିବା ସହିତ ଉକ୍ତ ବିଦ୍ୟାଳୟ ସହିତ ତାଙ୍କର ଛାତ୍ର ଜୀବନର ଅନେକ ସ୍ମୃତି ବିଷୟରେ ବଖାଣି ଥିଲେ। ଇଂରାଜୀ ବର୍ଣ୍ଣମାଳାର ବି ଓ ଡି ମଧରେ ସି ର ଭୂମିକାକୁ ନେଇ ସୁନ୍ଦର ଅବଧାରଣା ଦେଇ ବି ଅର୍ଥାତ୍ (ବର୍ଣ୍ଣ) ବା ଜନ୍ମ ଏବଂ ଡି ଅର୍ଥାତ୍(ଡେଥ) ବା ମୃତ୍ୟୁର ବ୍ୟବଧାନ ମଧରେ ସି ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସି ଅର୍ଥାତ୍ ଚାଇଲ୍ଡହୁଡ(ଶୈଶବ) ଠାରୁ ଶିକ୍ଷା ଅର୍ଜନ କରି ପ୍ରତି ବ୍ୟକ୍ତି ନିଜର ପରିଚୟ ସୃଷ୍ଟି କରିବା ସହିତ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱବୋଧ ବିଷୟରେ ଅବଗତ ହେବା ପ୍ରତି ଛାତ୍ରଛାତ୍ରୀଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ଅନ୍ୟତମ ଛାତ୍ର ତଥା ବର୍ତ୍ତମାନ ଆମେରିକାରେ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଅଶ୍ୱିନୀ କୁମାର ନାୟକ ନିଜ ଛାତ୍ର ଜୀବନ ବିଷୟରେ ଉଲ୍ଲେଖ କରିବା ସହିତ ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ମଧରେ ଥିବା ସଂପର୍କ ଏବଂ ଶିକ୍ଷକ ମାନଙ୍କ ତାଗିଦ୍ ଏବଂ ଭଲପାଇବା ଯୋଗୁଁ, ସେ ଆଜି ଆମେରିକାରେ ଉଚ୍ଚଦରମାରେ ଅବସ୍ଥାପିତ ହୋଇଥିବା କହିଥିଲେ। ଅନ୍ୟତମ ଛାତ୍ରୀ ଅବନ୍ତୀ ବେହେରା ବର୍ତ୍ତମାନ ବିଦେଶରେ (ରୁଷିଆ) ରେ ନିଜର କମ୍ପାନୀ ଖୋଲି ସ୍ୱାବଲମ୍ବୀ ହୋଇଥିବା ବେଳେ, ଏଇ ବଣପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗଢିଉଠିଥିବା ଜଡିବାଲି ପଦ୍ମଲୋଚନ ମୁଣ୍ଡହଣା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଅବଦାନ ସମ୍ପର୍କ ରେ ନିଜର ସମ୍ୟକ ଅଭିଭାଷଣରେ କହିଥିଲେ। ଅନୁରୂପ ଭାବେ ପୂର୍ବତନ ଶିକ୍ଷକ ରମେନ୍ଦ୍ର ଜେନା ଇତିହାସର ଅବଧାରଣା ଦେଇ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ,ତାଙ୍କର ଗୁରୁ କୌଟିଲ୍ୟ କିଭଳି ରାଜ ସିଂହାସନ ଦେବାରେ ଭୂମିକା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ, ପୁରାତନ ଛାତ୍ର ଏବଂ ସାଧାରଣ ଜନତାଙ୍କୁ ଗୁରୁଶିଷ୍ୟ ପରମ୍ପରା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ପୂର୍ବତନ ସଂସ୍କୃତଶିକ୍ଷକ ବେଣୁଧର ରାଉତ, ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ମହାନ୍ତି, ଅବସରପ୍ରାପ୍ତ ଖେଳଶିକ୍ଷକ ପରମାନନ୍ଦ ମହାନ୍ତିଙ୍କୁ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚର୍ଚ୍ଚିତ ୨୦୨୪ମସିହା ହାଇସ୍କୁଲ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟ ଟପ୍ପର ହୋଇଥିବା ଛାତ୍ରୀ ଲୋପାମୁଦ୍ରା ବେହେରାଙ୍କୁ ଅର୍ଥରାଶି ଦେଇ ସମ୍ମାନିତ କରାଯାଇଥିଲା। ଏଥିସହିତ ଡ଼ଃ ନାରାୟଣ ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ, କରୁଣାକର ନାୟକ, ରମେନ୍ଦ୍ର ଜେନା , ରଘୁନାଥ ବେହେରା, ଗୌରଚନ୍ଦ୍ର ବେହେରା ଜନାର୍ଦ୍ଦନ ପାଣିଆ, ପ୍ରତାପ ଚନ୍ଦ୍ର ପାତ୍ର, ପ୍ରଣତି ପ୍ରଧାନ ପ୍ରମୁଖଙ୍କୁ ଏହି ବ୍ୟାଚ୍ ର ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଫକୀର ଚରଣ ବେହେରା (ଫକିରା)ଙ୍କ ସମେତ ପୁରାତନ ଛାତ୍ର ପ୍ରମୁଖ ଦାୟିତ୍ୱ ଗ୍ରହଣ କରି ସୁଚାରୁ ରୂପେ ସଙ୍ଗଠିତ କରିଥିବା ବେଳେ, ସର୍ବଶ୍ରୀ ସତ୍ୟବାନ୍ ବେହେରା, ଖଗେନ୍ଦ୍ର ବେହେରା, ମନୋରଞ୍ଜନ ହୋତା, ପ୍ରମୋଦ ପ୍ରଧାନ, ଆରତୀ ପାତ୍ର, ସୁକାନ୍ତି ମହାନ୍ତି, ସଂଯୁଲତା ମହାନ୍ତି, ସନ୍ଧ୍ୟାରାଣି ନାୟକ ପ୍ରମୁଖ ୧୯୯୦ବ୍ୟାଚର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଆଗାମୀ ୨୪ ଘଂଟା ପାଇଁ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ୬ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ଭୀଷଣ ବର୍ଷା ନେଇ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୮/୯ (ନି.ପ୍ର): ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି । ଯାହାକୁ ଦୃଷ୍ଟିରେ ରଖି ଆଗାମୀ ୪ ଦିନ ପାଇଁ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଆଗାମୀ ୨୪ ଘଂଟା ପାଇଁ ଭୀଷଣରୁ ଅତି ଭୀଷଣ ବର୍ଷା ନେଇ ୬ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ବୌଦ୍ଧ ସୋନପୁର, ବରଗଡ଼, ସମ୍ବଲପୁର, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ୬ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ୧୨ରୁ ୨୦ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ୧୬ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିପରି ଆସନ୍ତାକାଲି ଅର୍ଥାତ୍ ୯ ତାରିଖ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୫ ଜିଲ୍ଲାକୁ ରେଡ୍ ୱାର୍ଣ୍ଣ ଜାରି ହୋଇଛି ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣ ଏବଂ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୧୦ ତାରିଖ ପ୍ରବଳ ବର୍ଷା ନେଇ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣ ଏବଂ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅନୁରୂପେ ୧୧ ତାରିଖ ପାଇଁ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ଦିନିକିଆ ଗସ୍ତରେ କୋଲକାତାରେ ପହଂଚିଲେ ସଂଘ ମୁଖ୍ୟ ଭାଗବତ

କୋଲକାତା, ୮/୯ : ପଶ୍ଚିମବଙ୍ଗକୁ ଦିନିକିଆ ଗସ୍ତରେ କୋଲକାତାରେ ପହଂଚିଛନ୍ତି ଆରଏସଏସର ସରସଂଘଚାଳକ ଡ.ମୋହନ ଭାଗବତ । ରବିବାର ବୌଦ୍ଧିକ ପ୍ରଶିକ୍ଷଣ ବର୍ଗରେ କାର୍ଯ୍ୟକର୍ତାଙ୍କ ମାର୍ଗଦର୍ଶନ କରିବେ । ସୂତ୍ର ମୁତାବକ କୋଲକାତାରେ କାର୍ଯ୍ୟକର୍ତ୍ତାଙ୍କ ପାଇଁ ବୌଦ୍ଧିକ ପ୍ରଶିକ୍ଷଣ ବର୍ଗ ଆୟୋଜିତ କରାଯାଇଛି, ଯେଉଁଥିରେ ଡକ୍ଟର ଭାଗବତ ଉପସ୍ଥିତ ରହିବେ । କୋଲକାତାକୁ ଏହି ଗସ୍ତ ସମୟରେ ଡକ୍ଟର ଭାଗବତଙ୍କର କୌଣସି ରାଜନୈତିକ ବ୍ୟକ୍ତିଙ୍କ ସହ ସାକ୍ଷାତର କୌଣସି କାର୍ଯ୍ୟକ୍ରମ ନାହିଁ । ଆଜି ରାତିରେ ସେ କୋଲକାତାରୁ ଫେରିଯିବେ ।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଖଇରା, ୮।୯: ନି.ପ୍ର) ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ମହବବିଦ୍ୟାଳୟରେ +୩ ବିଭାଗରେ ଚାଲିଥିବା ୨୦ଦିନିଆ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ଅଧକ୍ଷ ନିରଞ୍ଜନ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ସଂଯୋଜକ ଉଦୟ ରଞ୍ଜନ ଦାସ ଛାତ୍ରୀ ମାନଙ୍କର ଆତ୍ମସୁରକ୍ଷା ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ତାଲିମ ଦାତ୍ରୀ ଭାବେ ସସ୍ମିତା ଖଟୁଆ ପିଲାମାନଙ୍କୁ ବିଭିନ୍ନ କୌଶଳ ଶିଖାଇଥିଲେ । ତାଲିମରେ ଅଂଶ ଗ୍ରହଣ କରିଥିବା ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପରିଶେଷରେ ସହ ସଂଯୋଜିକା ଭାବେ ଶିକ୍ଷା ବିଭାଗ ଅଧ୍ୟାପିକା ପକନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂଜା ମଣ୍ଡପରେ ସମ୍ବର୍ଦ୍ଧିତ ହେଲେ ଗଣମାଧ୍ୟମ ପ୍ରତିନିଧି



ଖଇରା, ୮।୯: (ନି.ପ୍ର) ବାଲେଶ୍ୱର ଜିଲା ଖଇରା ବଜାରରେ ଚଳିତ ବର୍ଷ ଦୁଇ ପୂଜା ମଣ୍ଡପ ତରଫରୁ ଖଇରା ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଥମେ ଶ୍ରୀଗଣେଷ ପୁଜା କମିଟି ତରଫରୁ ସାମ୍ବାଦିକ ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଇଥିଲା । ସଭାପତି ଜ୍ୟୋତିରଞ୍ଜନ ମହାପାତ୍ର,ସମ୍ପାଦକ ରଶ୍ମୀରଞ୍ଜନ ପଲେଇ,ସୁରେଶ ସାହୁ,ସୁନିଲ ବେହେରା,ନିତିଶ ତ୍ରିପାଠୀ,ଦିବ୍ୟଜ୍ୟୋତି ସାହୁ,ସରୋଜ କୁଅଁର ଙ୍କ ସମେତ ସମେତ ସଦସ୍ୟ ଉପସ୍ଥିତ ଥିଲେ ।ସେହିଭଳି ଲିଜେଣ୍ଡ ଲାୟନ୍ସ କ୍ଲବ ପକ୍ଷରୁ ମଧ୍ୟ ସାମ୍ବାଦିକ ମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସଭାପତି ବିସ୍ମୟ ନାୟକ,ସମ୍ପାଦକ ଜଗନ୍ନାଥ ପାଣିଗ୍ରାହୀ,ପ୍ରିତମ ନାୟକ,ଅଶୋକ ନାୟକଙ୍କ ନେତୃତ୍ୱରେ ସଦସ୍ୟ ମାନେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ଉଭୟ ମଣ୍ଡପରେ ଗଣପତିଙ୍କ ଦର୍ଶନ ଲାଗି ପ୍ରବଳ ଭୀଡ ଲାଗି ରହିଥିବା ପରିଲକ୍ଷିତ ହୋଇ ହୋଇଛି ।

# ଆଦୌ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି ବାପ ଛେଉଣ୍ଡ ପୁତ୍ର ଗୁବିନ ଓ ରାସାଏ

## କପ୍ତିପଦା ଆଇ.ଟି.ଡ଼ି.ଏ.ର ନିରବତା ହିଁ ମୂଳ କାରଣ : ଚର୍ଚ୍ଚା



ଉଦଳା ତା.୦୮/୦୯(ନି.ପ୍ର)- ସମଗ୍ର କପ୍ତିପଦା ଉପଖଣ୍ଡରେ ଶହ ଶହ ସଂଖ୍ୟାରେ ଆଦିବାସି ପିଲା ଅଧାରୁ ପାଠ ପଢ଼ା ଛାଡୁଥିବା ବେଳେ ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବା ପିଲାଙ୍କ ସଂଖ୍ୟା ମଧ କିଛି କମ ନୁହେଁ । ଆଦିବାସି ଲୋକଙ୍କର ସବୁ ପ୍ରକାର ସମସ୍ୟା ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ତେବେ ଏହି ପ୍ରକଳ୍ପର କାର୍ଯ୍ୟକଳାପ ଆଦୌ ସଂୋଷଜନକ ନୁହେଁ ବୋଲି ଏଥିରୁ ବେଶ ସ୍ପଷ୍ଟ ବାରି ହୋଇ ପଡୁଛି । ସେହିପରି ନିକଟରେ କପ୍ତିପଦା ବ୍ଲକ ଅନ୍ତର୍ଗତ ମାଙ୍କଡ଼ପଡ଼ା ପଂଚାୟତର ମାଙ୍କଡ଼ପଡ଼ା ଗ୍ରାମର ବାପ ଛେଉଣ୍ଡ ପୁତ୍ର 'ଗୁବିନ' ଓ 'ରାସାଏ' ଆଦୌ ବିଦ୍ୟାଳୟର ମାଟି ମାଡ଼ି ନଥିବାର ଖବର ଆମର ହସ୍ତଗତ ହୋଇଛି । 'ଗୁବିନ' ଙ୍କୁ ବର୍ତ୍ତମାନ ବୟସ ୧୦ ବର୍ଷ ହୋଇଥିବା ବେଳେ 'ରାସାଏ'କୁ ୮ ବର୍ଷ ବୟସ ଛୁଇଁଲା । ଆଜକୁ ୫ ବର୍ଷ ପୁର୍ବେ ପିତା ମାନ୍ଦୁରୁ ସିଂଙ୍କର ଦେହାନ୍ତ ହୋଇଯିବା ଫଳରେ ପୁତ୍ର 'ଗୁବିନ' ଓ 'ରାସାଏ' ପିଲାଟି ଦିନରୁ ବାପାଙ୍କ ସ୍ନେହ ମମତାରୁ ବଂଚିତ ଅଛନ୍ତି । ମାତା ମୁଙ୍ଗୁଲି ସିଂ ବର୍ତମାନ ଦିନ ମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଛଁି । ପରିବାରର ଆର୍ଥିକ ଅବସ୍ଥା ଆଦୌ ସ୍ୱଛଳ ନଥିବାରୁ ପିଲାଙ୍କୁ ପାଠ ପଢ଼ାଇ ପାରିନଥିବାର କଥା ମାତା ମୁଙ୍ଗୁଲି କହିଛନ୍ତି । ସେହିପରି ଜ୍ୟେଷ୍ଠ ପୁତ୍ର ଗୁବିନଙ୍କର ଆଧାର କାର୍ଡ଼ ଥିବା ବେଳେ କନିଷ୍ଠ ପୁତ୍ର ରାସାଏଙ୍କର ଆଧାର କାର୍ଡ଼ ନାହିଁ । ଫଳରେ ପରିବାରକୁ ମିଳୁଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ରାସାଏ ବଂଚିତ ଅଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ ଗୁବିନ ଓ ରାସାଏଙ୍କ ପରି ବହୁ ସଂଖ୍ୟାରେ ପିଲା ବର୍ତମାନ ମଧ ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି । ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥା, କପ୍ତିପଦାର ନିରବବତା ହିଁ ଏହାର ମୂଳ କାରଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ରାଜ୍ୟ ସରକାର ତୁରନ୍ତ ଏ ବାବଦରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର



ଭଦ୍ରକ, ୮/୯ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଓକରା ହାଇସ୍କୁଲ, ଅର୍ଣ୍ଣପାଳ, ଭଦ୍ରକଠାରେ ପୋସ୍କୋ ଆକ୍ଟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ଏହି କାର୍ଯ୍ୟକ୍ରମକୁ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ପରିଚାଳନା କରିଥିଲେ। ଏଥିରେ ଅଂଶୁମାନ ଦ୍ୱିବେଦୀ, ସି.ଟି.ଡି.ଏସ.ପି. ଭଦ୍ରକ, ବନ୍ଦନା ଦେବୀ, ଇନ୍‌ସ୍ପେକ୍ଟର ଭାବରେ ସାଇବର କ୍ରାଇମ, ପୂର୍ଣ୍ଣିମ ଦାସ, ପ୍ରଧାନ ଶିକ୍ଷୟିତ୍ରୀ, ଓକରା ହାଇସ୍କୁଲ, ଅର୍ଣ୍ଣପାଳ ଭଦ୍ରକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ମାଧ୍ୟମରେ ସ୍କୁଲର ଛାତ୍ର-ଛାତ୍ରୀମାନଙ୍କୁ ପୋସ୍କ ଆଇନ ବିଷୟରେ ସେଚେତନ କରାଇଥିଲେ। କୋମଳମତୀ କନ୍ୟାଟିଏ କିପରି ଯୌନ ଶୋଷଣର ଶିକାର ହୋଇ ତାର ମାନସିକତା ସଂପୂର୍ଣ୍ଣ ଦୁର୍ବଳ ହେବା ସହ ମୃତ୍ୟୁ ମୁଖକୁ ଚଳିଯାଉଛି ସେହିସବୁ ଉପରେ ଆଧାରିତ ଏକ ଗୀତିନାଟ୍ୟ ଯାହାକି ସେହି ବିଦ୍ୟାଳୟର ଛାତ୍ର-ଛାତ୍ରୀମାନଙ୍କ ଦ୍ୱାରା ଅଭିନୟ ବେଶ୍ ଆଦୃତ ହୋଇଥିଲା। ପିଲାମାନଙ୍କୁ ସଦାସର୍ବଦା ନିଜକୁ ସୁରକ୍ଷିତ ରଖିବା ସହ ସବୁ ବିଷୟ ନିଜ ପିତାମାତାଙ୍କୁ ଜଣାଇବାକୁ ଉପଦେଶ ଦିଆଯାଇଥିଲା।

# ତାହାଲିଆରେ ଶ୍ରୀ ଗଣେଶ ମହୋତ୍ସବ -୨୦୨୪




ଲଙ୍ଗଳେଶ୍ୱର,୮/୯( ନିପ୍ର)- ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତ ଅଧିନସ୍ଥ ତାହାଲିଆ ଗ୍ରାମରେ ବଟେଶ୍ୱର ୟୁଥ୍ କ୍ଲବ୍ ପକ୍ଷରୁ ପବିତ୍ର ଶ୍ରୀ ଗଣେଶଙ୍କ ପୂଜା ଉପଲକ୍ଷେ ଶ୍ରୀ ଗଣେଶ ମହୋତ୍ସବ-୨୦୨୪ ଶନିବାର ସଂନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ପବିତ୍ର ଗଣେଶ ପୂଜାର ଶୁଭେଚ୍ଛା ଓ ଶୁଭକାମନା ଜଣାଇ, ଏକତାର ସୂତ୍ରରେ ବାନ୍ଧି ହୋଇ ଏକ ସୁନ୍ଦର ସମାଜ ଗଠନରେ ନିଜକୁ ନିୟୋଜିତ କରିବା ପାଇଁ ମୁଖ୍ୟ ଅତିଥି ଶ୍ରୀମତୀ ଜେନା ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଉତ୍ସବରେ କ୍ଲବର ସଭାପତି ଅଭିଜିତ୍ ଦାସ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ,୨୩ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା,୨୨ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ବରିଷ୍ଠ ନେତା ଅଜୟ ସାମଲ,ସାର୍ଥକ ରଣଜିତ୍ ,ଜୟନ୍ତ ଦତ୍ତ ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।ସାଂସ୍କୃତିକ ସଂନ୍ଧ୍ୟାର ଉଦଘାଟନୀ ଦିବସରେ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ଅନନ୍ୟା କଳା ଦର୍ପଣ ଛତ୍ରପୁର ର କଳାକାରମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ଏବଂ ଏକତା ନୃତ୍ୟ ଗ୍ରୁପ୍ ବଲାଙ୍ଗୀର ର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଅଂଚଳବାସୀ ଉପଭୋଗ କରିଥିଲେ । ବଟେଶ୍ୱର ୟୁଥ୍ କ୍ଲବ୍ ର ସମ୍ପାଦକ ଦୀପକ ଗିରି ,କୋଷାଧକ୍ଷ ଗୌରୀଶଙ୍କର ପାତ୍ର,ପୂଜା ସଂପାଦକ ସୁଜିତ୍ ଗିରି ଙ୍କ ସମେତ ଅନ୍ୟ ସଦସ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶ୍ରଦ୍ଧାଞ୍ଜଳି ଦିବସ ପାଳନ




ରୂପସା, ୮/୯ (ନି.ପ୍ର): ଶୁକ୍ରବାର ଅପରାହ୍ନ ୩-୩୦ ସମୟରେ ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ, ଆଶ୍ରମର ପ୍ରତିଷ୍ଠାତା ଦିବଙ୍ଗତ ସିଦ୍ଧ ସାଧକ ଆତ୍ମଜ୍ଞାନୀ ଯୋଗୀ ରତ୍ନାକର ଖୁଣ୍ଟିଆଙ୍କର ସପ୍ତଦଶତମ ଶ୍ରଦ୍ଧାଞ୍ଜଳୀ ଦିବସ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି, ବ୍ରହ୍ମଜ୍ଞାନୀ, ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଅଛି କ୍ଷମଞ୍ଚାସୀନ ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଦିବଙ୍ଗତ ଖୁଣ୍ଟିଆ ବାବୁଙ୍କର ଜୀବନାଦର୍ଶ ସହିତ କଷ୍ଟଲବ୍ଧ ସଙ୍ଗଠନ ନିତୀନିଷ୍ଠ ସାଧନା ଉପରେ ରେଖା ପାତ କରିଥିଲେ କ୍ଷଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ତାଙ୍କର ଦୈନନ୍ଦିନ ଆଶ୍ରମ ଜୀବନର ବିବରଣୀ ମାନ ସର୍ବ ସମ୍ମୁଖରେ ଉପସ୍ଥାପନ କରିଥିଲେ କ୍ଷଆଶ୍ରମର କଣ୍ଠ ଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା । ଦିବଂଗତ ଖୁଣ୍ଟିଆ ବାବୁଙ୍କ ନାମରେ ଏକ ହୃଦୟସ୍ପର୍ଶି ସଙ୍ଗୀତ ଗାନ କରିଥିଲେ। ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ଆଶ୍ରମ ପ୍ରତି ତାଙ୍କର ଶ୍ରଦ୍ଧା ଉପରେ ଆଲୋକପାତ କରିଥିଲେ । ସୁନିରାଜ୍ଞୀ ସୁମତୀ ଦଳାଇ, ବିମଳା ଲେଙ୍କା, ବାସନ୍ତୀ ମାହାଳିକ, ଶକୁନ୍ତଳା ପରିଡା ପ୍ରମୁଖ ଯୋଗୀ ରତ୍ନାକର ଖୁଣ୍ଟିଆଙ୍କ ବିଷୟରେ ଆଲୋକ ପାତ କରିଥିଲେ । ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ମୁନିମତୀ ପୂର୍ଣ୍ଣିମା ବର, ଫୁଲମଣୀ, ବେହେରା, ମାଳତୀ ବେଜ, ଅପୂର୍ବ ବେହେରା, ବାସନ୍ତୀ ପରିଡା, ମେଘମାଳା ଜେନା, କୁନୀ ମାଝୀ, ଉର୍ମିଳା ରାଉଳ, କୈକେଇ ଜେନା, ମିନତୀ ଜେନା, ମିନତୀ ବର, ଯମୁନା ବର, ପ୍ରଭାସିନୀ ବର, ପ୍ରମିଳା ବେହେରା, ସିନ୍ଧୁ ଲତା ବେହେରା, ମୁନି କୁମାରୀ ମିନତୀ ଦଳାଇ, ମୁନି ଶଶଧର ସେନାପତି, ଯୋଗେନ୍ଦ୍ର ବେହେରା, ସିନ୍ଧୁ ସିଂ, ଗଣେଶ୍ୱର ମୁନି, ମାର୍କଣ୍ଡ ବର, ମୁନି ରଘୁନାଥ ବେହେରା ଏବଂ ମୁନି କୁମାର ତାପସ ପ୍ରମୁଖ କ୍ଷ ଶେଷରେ ଆଶ୍ରମର ଯୋଗ ଶିକ୍ଷୟତ୍ରୀ ଆତ୍ମ ଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସୁସ୍ୱାଦୁ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo